## ୭୨ ହଜାର ମାସ୍କ ବଣ୍ଟନ

କଟକସଦର,(ଡି.ଏନ୍.ଏ.): କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ଉଦ୍ୟମକ୍ରମେ ୨୩ଟି ପଞ୍ଚାୟତର ସ୍ୱୟଂ ସହାୟକା ଗୋଷ୍ଠୀର ମହିଳାଙ୍କୁ ମାସ୍କ ବଣ୍ଟନ କାର୍ଯ୍ୟ ପ୍ରାୟ ଏକ ସପ୍ତାହ ପୂର୍ବରୁ ଆରମ୍ଭ ହୋଇଛି। ସୋମବାର ବିଧାୟକ ବେହେରାଙ୍କ ଜନ୍ମଦିନରେ ଏହି ସଂଖ୍ୟା ୭୨ହଜାରରେ ପହଞ୍ଚିଛି। ପୂର୍ବରୁ ଆଶା, ଅଙ୍ଗନୱାଡ଼ି କର୍ମୀମାନଙ୍କୁ କରୋନା ନିୟନ୍ତ୍ରଣ କିଟ୍ ବିଧାୟକଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ସଂଯୋଜକ ଶରତ ରାୟ, ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ସଦର ବିଜେଡି ଉପସଭାପତି ପ୍ରମୋଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ସମର ବେହେରା ଓ ଜିଲା ପରିଷଦ ସଭ୍ୟ ବିଳାସ ମଲ୍ଲିକ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଅନୁପ କାନୁନ୍‌ଗୋଙ୍କୁ ଡିଏସ୍‌ପି ପାହ୍ୟା

ଭୁବନେଶ୍ୱର,୧୯।୭(ବ୍ୟୁରୋ): ଇନ୍ସପେକ୍ଟର ଅନୁପ କାନୁନ୍‌ଗୋଙ୍କୁ ଡିଏସ୍‌ପି ପହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏନେଇ ସୋମବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗୀୟ କଟକଣା ଲାଗିଥିବାରୁ ପୂର୍ବରୁ ତାଙ୍କ ନାମ ପଦୋନ୍ନତିରୁ ବାଦ୍ ପଡ଼ିଥିଲା। ତେବେ ଏହି କଟକଣା ହଟିବା ପରେ ଏବେ ତାଙ୍କର ପଦୋନ୍ନତି ହୋଇଛି। ଏଥିସହିତ ଗୃହବିଭାଗ ପକ୍ଷରୁ ହୋଇଥିବା ଗ୍ରେଡେଶନ ବା ବରିଷ୍ଠତା ତାଲିକାରେ ଅନୁପ କାନୁନଗୋଙ୍କ ତଳେ ଶ୍ରୀକାନ୍ତ କୁମାର ବେହେରାଙ୍କ ନାମ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ତେବେ ତାଙ୍କ ନିଯୁକ୍ତି ନେଇ ଡିଜିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ଜାରି କରାଯିବ।

### ଏକ ଭାରତ ଶ୍ରେଷ୍ଠ ଭାରତ କ୍ୟାମ୍ପ ଉଦ୍‌ଘାଟିତ

କଟକ ଅଫିସ,୧୯।୭: ଭୁବନେଶ୍ୱରସ୍ଥିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ କଟକ ଏନ୍‌ସିସି ପକ୍ଷରୁ ଏକ ଭାରତ ଶ୍ରେଷ୍ଠ ଭାରତ ଅଷ୍ଟମ କ୍ୟାମ୍ପ ସୋମବାର ଅନ୍‌ଲାଇନରେ ଉଦ୍‌ଘାଟିତ ହୋଇଛି। ୬ଦିନ ଧରି ଚାଲିବାକୁ ଥିବା ଏହି କ୍ୟାମ୍ପରେ ଓଡ଼ିଶା, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ ଏବଂ ଚଣ୍ଡିଗଡ଼ରୁ ମୋଟ ୨୫୦ଜଣ ଏନସିସି ଶିକ୍ଷାର୍ଥୀ ଏବଂ ସହଯୋଗୀ ଅଧିକାରୀ ସାମିଲ ହେବେ। ଏହି କ୍ୟାମ୍ପରେ ୧୯୯୯ କାର୍ଗିଲ ଯୁଦ୍ଧ, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଭୌଗୋଳିକ ସ୍ଥିତି, ଇତିହାସ, ଖାଦ୍ୟ, ପର୍ଯ୍ୟଟନ ନେଇ ଆଲୋଚନା କରାଯିବ। ଏହି କ୍ୟାମ୍ପ୍ ବିଭିନ୍ନ ରାଜ୍ୟର ଏନ୍‌ସିସି ଶିକ୍ଷାର୍ଥୀଙ୍କ ମଧ୍ୟରେ ଥିବା ସାଂସ୍କୃତିକ, ଧାର୍ମିକ, ଭୌଗୋଳିକ ନେଇ ଥିବା ପ୍ରତିବନ୍ଧକ ଦୂର କରାଯାଇପାରିବ ବୋଲି ଡିଡିଜି ସୋମେନ ବାନାର୍ଜୀ କହିଛନ୍ତି।

### ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ

କଟକ ସଦର, ୧୯।୭ ଡି.ଏନ.ଏ.): କଟକ ସଦର ବ୍ଲକ ଅଧୀନ ପ୍ରହରାଜପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡା, ପ୍ରମୋଦ ମହାପାତ୍ର, ବିଳାସ ମଲ୍ଲିକ, ସମର ବେହେରା, ରୂପସୀ ସାହୁ, ପାର୍ବତୀ ମଲ୍ଲିକ ଓ ସୋମନାଥ ସାହୁ ଯୋଗଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା କ୍ରେଡାଇ

ଭୁବନେଶ୍ୱର,୧୯।୭ : ରାଜ୍ୟ ସରକାର ପାୱାର ଅଫ୍ ଆଟର୍ନିର ରେଜିଷ୍ଟ୍ରେଶନ ବାବଦ ଷ୍ଟାମ୍ପ ଡ୍ୟୁଟିକୁ ୩% ହ୍ରାସ କରିଥିବାରୁ କ୍ରେଡାଇ ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପୂର୍ବରୁ ଏଥିପାଇଁ ୫% ଷ୍ଟାମ୍ପ ଡ୍ୟୁଟି ଦେବାକୁ ପଡୁଥିବା ବେଳେ କ୍ୟାବିନେଟ ମଞ୍ଜୁରୀ ପରେ ଏବେ ଏହାକୁ ୨%କୁ କମାଇ ଦିଆଯାଇଛି। ସେହିଭଳି ଭିତ୍ତିଭୂମି ବିକାଶ ଓ ଗୃହ ନିର୍ମାଣ ଚୁକ୍ତିନାମା ରେଜିଷ୍ଟ୍ରେଶନ ବାବଦ ୫% ଷ୍ଟାମ୍ପ ଡ୍ୟୁଟିକୁ ମଧ୍ୟ ପ୍ରତ୍ୟାହାର କରାଯାଇ କେବଳ ୧୦୦୦ ଟଙ୍କା ଦେୟ ପୈଠ କରାଯିବାକୁ କ୍ୟାବିନେଟ ନେଇଥିବା ନିଷ୍ପତ୍ତିକୁ କ୍ରେଡାଇ ରାଜ୍ୟ କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ କରିଛନ୍ତି। ଏ ସମ୍ପର୍କରେ କ୍ରେଡାଇ ଓଡ଼ିଶା ସଭାପତି ସ୍ୱଦେଶ କୁମାର ରାଉତରାୟ କହିଛନ୍ତି , ପାୱାର ଅଫ୍ ଆଟର୍ନି ଓ କନ୍‌ଭେୟାନ୍ସ ଡିଡ୍ ପାଇଁ ଦେବାକୁ ପଡୁଥବା ଷ୍ଟାମ୍ପ ଡ୍ୟୁଟି ହ୍ରାସ କରିବାକୁ ସଂଘ ପକ୍ଷରୁ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ଏହି ଘଟଣା ସମ୍ପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ରାଜସ୍ୱ ବିଭାଗର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀଙ୍କ ସହ କ୍ରମାଗତ ଭାବେ ଆଲୋଚନା ସହ ଅନ୍ୟ ରାଜ୍ୟଗୁଡ଼ିକରେ ପ୍ରଚଳିତ ନୀତିନିୟମ ଓ ବ୍ୟବସ୍ଥା ସମ୍ପର୍କରେ ମଧ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସରକାର କ୍ରେଡାଇ ଓଡ଼ିଶାର ଯୁକ୍ତିସଙ୍ଗତ ଦାବିକୁ ଗ୍ରହଣ କରି ଷ୍ଟାମ୍ପ ଡ୍ୟୁଟି ହ୍ରାସ କରିଥିବାରୁ ଏହା ଗୃହ ନିର୍ମାଣ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରକୁ ସହାୟକ ହେବ ବୋଲି ରାଉତରାୟ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ କ୍ରେଡାଇ ଓଡ଼ିଶାର ଅଧ୍ୟକ୍ଷ, ଦେୱାଶଙ୍କର ତ୍ରିପାଠୀ, ଉପସଭାପତି, ଉମେଶ ଖଣ୍ଡେଲୱାଲ ଓ ନବୀନ କାଣ୍ଡୋଇଙ୍କ ସମେତ ସଂଘର ସମ୍ପାଦକ, ଅନୀଲ ଅଗ୍ରୱାଲ, ଇଷ୍ଟ ଜୋନ୍ ମହିଳା ୱିଙ୍ଗ୍ ରାଜ୍ୟ ସଂଯୋଜିକା ସୋଫିଆ ଫିର୍‌ଦୋଷ, କଟକ ଶାଖା ସଭାପତି ପ୍ରୀତିରଞ୍ଜନ ମହାରଣା ଏବଂ ବ୍ରହ୍ମପୁର ଶାଖା ସଭାପତି ଉମାଶଙ୍କର ପାଣିଗ୍ରାହୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଭୁବନେଶ୍ୱରରେ ୧୭୧୭ ବର୍ଷାଜଳ ଅମଳ ପ୍ରକଳ୍ପ

ଭୁବନେଶ୍ୱର, ୧୯।୭ (ବ୍ୟୁରୋ)

ସହରାଞ୍ଚଳକୁ ଅଧିକରୁ ଅଧିକ ପରିବେଶ ଅନୁକୂଳ କରିବା ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ୧୭୧୭ ବର୍ଷାଜଳ ଅମଳ ପ୍ରକଳ୍ପ କରାଯାଇଛି। ଓଡ଼ିଶା ସରକାରଙ୍କ 'ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ(ମୁକ୍ତା)' କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରକଳ୍ପଗୁଡ଼ିକ କରାଯାଇଛି। ଭୂପୃଷ୍ଠ ଜଳସ୍ତର ବୃଦ୍ଧି ସହ କୁଶଳୀ ଓ ଅଣକୁଶଳୀ ଶ୍ରମିକ ତଥା ତୃଣମୂଳ ସ୍ତରର ମହିଳା ଏବଂ ଅନ୍ୟ କେତେକ ବର୍ଗଙ୍କୁ ବେଉସା ଯୋଗାଇବା ଏବଂ ସହରାଞ୍ଚଳର ପରିବେଶଗତ ବିକାଶକୁ ତ୍ୱରାନ୍ୱିତ କରିବା ହେଉଛି 'ମୁକ୍ତା' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ଭୁବନେଶ୍ୱର ସମସ୍ତ ୬୭ ୱାର୍ଡ଼ରେ ବର୍ଷାଜଳ ଅମଳ ପ୍ରକଳ୍ପ କରାଯାଇଛି। ୱାର୍ଡ଼ଗୁଡ଼ିକରେ ଥିବା ବିଭିନ୍ନ ପାର୍କ, ସରକାରୀ ଖୋଲାସ୍ଥାନ, ଅନୁଷ୍ଠାନ ଓ ପଡ଼ିଆଗୁଡିକରେ ଏହି ପ୍ରକଳ୍ପ କରାଯାଇଛି। ଏହାର କାର୍ଯ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ହାତରେ ନ୍ୟସ୍ତ କରାଯାଇଛି। ୨୬୫ ଏସ୍‌ଏଚ୍‌ଜିରୁ ପ୍ରାୟ ୩ହଜାର ସଦସ୍ୟା ଏଥିରେ ସମ୍ପୃକ୍ତ ଅଛନ୍ତି। ଅନୁବନ୍ଧିତ ଏସ୍‌ଏଚ୍‌ଜିରୁ ସଦସ୍ୟା ଚୟନ କରାଯାଇ ପ୍ରକଳ୍ପର ପରିଚାଳନା ଭାର ଦିଆଯାଇଛି। ଏମାନେ ପ୍ରକଳ୍ପ ରୂପାୟନର ଏକ ଅଂଶୀଦାର ଭାବେ ରହିଛନ୍ତି, ଯାହା ଏହି ଯୋଜନାର ଅନ୍ୟତମ ଆଭିମୁଖ୍ୟ। ବର୍ତ୍ତମାନର ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି। ଏପରିସ୍ଥଳେ 'ମୁକ୍ତା' କାର୍ଯ୍ୟକ୍ରମ ଅଧୀନରେ ଭୂପୃଷ୍ଠ ଜଳକୁ ଭୂତଳକୁ ଛାଡ଼ିବା ଦ୍ୱାରା ଭୂତଳ ଜଳସ୍ତରର ବୃଦ୍ଧି କରିବାରେ ନିଶ୍ଚିତ ଭାବେ ସହାୟକ ହେବ ହେବ। ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ସଂଖ୍ୟକ ପ୍ରକଳ୍ପ କରାଯାଇଛି। ଏହା ଏକ ସାମଗ୍ରୀକ ବିକାଶ କାର୍ଯ୍ୟକ୍ରମ ବୋଲି ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି। ଚଳିତବର୍ଷ ଏପ୍ରିଲ୍ ୧୩ରୁ ଜୁନ୍ ୩୦ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଲକ୍‌ଡାଉନ୍‌ରେ ଏଭଳି ବିକାଶମୂଳକ ତଥା ପରିବେଶ ବନ୍ଧୁ କାର୍ଯ୍ୟକ୍ରମରେ ପ୍ରାୟ ୫୩ ହଜାର ଜଣ ଅଣକୁଶଳୀ ଓ ପ୍ରାୟ ୨୦ ହଜାର କୁଶଳୀ ଶ୍ରମିକ କାମ ପାଇ ସେମାନଙ୍କ ଗୁଜୁରାଣ ମେଣ୍ଟାଇ ପାରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୭୩ ହଜାରଟି କାର୍ଯ୍ୟ ଦିବସ ସୃଷ୍ଟି କରାଯାଇ ପାରିଛି ବୋଲି ସିଟି ଇଞ୍ଜିନିୟର କହିଛନ୍ତି।


ସହରରେ ଥିବା ଏକ ବର୍ଷାଜଳ ଅମଳ ପ୍ରକଳ୍ପ।


ଏକ ପାର୍କରେ ପ୍ରକଳ୍ପ କାର୍ଯ୍ୟ ଚାଲିଛି ।

**ପରିଚାଳନା କରିବେ ୨୬୫ ଏସ୍‌ଏଚ୍‌ଜି**

# ନିଆଁରେ ପୋଡ଼ିହୋଇ ମହିଳାଙ୍କ ମୃତ୍ୟୁ

କଟକସଦର,୧୯।୭(ଡି.ଏନ୍.ଏ.)

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

କଟକ ସଦର ଥାନା ଅନ୍ତର୍ଗତ ୪୨ମୌଜା ବହଳଷଡ଼ା ଗ୍ରାମର ଜଣେ ମହିଳାଙ୍କ ନିଆଁରେ ପୋଡ଼ି ହୋଇ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କାଜଳ ସ୍ୱାଇଁ(୨୩)। ହେଲେ ଯୌତୁକ ପାଇଁ ଶାଶୁଘର ଲୋକ ହତ୍ୟା କରିଥିବା ନେଇ ମୃତାଙ୍କ ଭାଇ ମିଳନ ସ୍ୱାଇଁ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ପୋଲିସ ଦଫା ୩୦୨, ୩୦୪(ଖ) ଅନୁସାରେ ଏକ ମାମଲା(ନଂ.୪୧୦/୨୧) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ବର୍ଷେ ତଳେ ଏହି ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ପିଣ୍ଟୁ ରାଉତଙ୍କ ସହ କାଜଳଙ୍କ ବିବାହ ହୋଇଥିଲା। ବିବାହର କିଛିଦିନ ପରେ ଶାଶୁଘର ଲୋକେ ଯୌତୁକ ପାଇଁ କାଜଳଙ୍କୁ ବାରମ୍ବାର ମାନସିକ, ଶାରୀରିକ ନିର୍ଯାତନା ଦିଆଯାଉଥିଲା। ଏହି କାରଣରୁ ଭଉଣୀଙ୍କୁ ହତ୍ୟା କରାଯାଇଛି ବୋଲି ମିଳନ ଅଭିଯୋଗ କରିଛନ୍ତି। ଏପରିକି ଘଟଣାର ମୁଖ୍ୟ ଅଭିଯୁକ୍ତ ଶାଶୁ ବୋଲି ମିଳନ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଗତ ୧୫ତାରିଖ ଦିନ ହଠାତ ଭଉଣୀର ଶାଶୁଘର ଲୋକେ ନିଆଁରେ ପୋଡ଼ି ହୋଇଯାଇଥିବା ନେଇ ବାପଘରକୁ ଜଣାଇଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲ ନେଇ ଚିକିତ୍ସା କରାଯାଉଥିଲା। ଖବରପାଇ ବାପଘର ଲୋକ ସେଦିନ ପହଞ୍ଚି ଝିଅଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ସୋମବାର କାଜଳଙ୍କ ମୃତ୍ୟୁ ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ନବୀନ ନିବାସ ଘେରିବ ନିଖିଳ ଓଡ଼ିଶା ଡିଇଏଲ୍‌ଇଡି ଛାତ୍ରସଂଘ

ଭୁବନେଶ୍ୱର, ୧୯।୭ (ବ୍ୟୁରୋ)

ଡିଇଏଲ୍‌ଇଡି ଶେଷବର୍ଷ ପରୀକ୍ଷା ଓ ଫଳ ପ୍ରକାଶନ ଅଗଷ୍ଟ ମଧ୍ୟରେ ଶେଷ କରିବା ପାଇଁ ଆସନ୍ତା ୨୧ ତାରିଖ ସୁଦ୍ଧା ଘୋଷଣା ଏବଂ ପରିବର୍ତ୍ତିତ ଇଣ୍ଟର୍ନଶିପ୍ ବନ୍ଦ ଦାବି କରିଛି ନିଖିଳ ଓଡ଼ିଶା ଡିଇଏଲ୍‌ଇଡି ଛାତ୍ରସଂଘ। ଦାବି ପୂରଣ ନ ହେଲେ ଆସନ୍ତା ୨୩ ତାରିଖରେ ନବୀନ ନିବାସ ଘେରାଉ କରିବାକୁ ଚେତାବନୀ ଦିଆଯାଇଛି। ସୋମବାର ୟୁନିଟ-୬ଠାରେ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ୩୦ ଜୁନ୍ ମଧ୍ୟରେ ଶିକ୍ଷକ ଶୈକ୍ଷିକ ଶିକ୍ଷାଦାନ ଓ ଇଣ୍ଟର୍ନଶିପ୍ ଶେଷ କରି ଜୁଲାଇ ମଧ୍ୟରେ ପରୀକ୍ଷା ଶେଷ ସହ ଫଳ ପ୍ରକାଶନ ପାଇଁ ଗତ ଜାନୁୟାରୀ ୬ରେ ଏସ୍‌ସିଇଆର୍‌ଟି ପକ୍ଷରୁ ବିଜ୍ଞପ୍ତି ନଂ. ୬୪ ପ୍ରକାଶ ପାଇଥିଲା। ତଦନୁଯାୟୀ ଜୁନ୍ ୩୦ ପୂର୍ବରୁ ଶିକ୍ଷକ ପ୍ରଶିକ୍ଷକ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଶେଷ ହୋଇଛି। ମାତ୍ର ୧୩ ଜୁଲାଇରେ ଆଉ ଏକ ବିଜ୍ଞପ୍ତ ପ୍ରକାଶ କରାଯାଇ ପୁଣି ୩ମାସିଆ ଇଣ୍ଟର୍ନଶିପ୍ କରିବାକୁ ବାଧ କରାଯାଉଛି। ଏହି ପରିବର୍ତ୍ତିତ ଇଣ୍ଟର୍ନସିପ୍ ଅକ୍ଟୋବର ୧୦ରେ ଶେଷ ହେବ ଓ ପରୀକ୍ଷା ଫଳ ପ୍ରକାଶନରେ ମଧ ଅହେତୁକ ବିଳମ୍ବ ହେବ। ଅନ୍ୟପକ୍ଷରେ ୟୁଜିସି ନିର୍ଦ୍ଦେଶାବଳୀ ଅନୁଯାୟୀ ଡିଗ୍ରୀ ଶ୍ରେଣୀରେ ସେପ୍ଟେମ୍ବର ଓ ଅକ୍ଟୋବର ପହିଲାରୁ ଅଧ୍ୟୟନ ପ୍ରକ୍ରିୟା ଆରମ୍ଭ ହେବ। ଡିଇଏଲ୍‌ଇଡି ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ଅଗଷ୍ଟ ଶେଷ ମଧ୍ୟରେ ପ୍ରକାଶିତ ନ ହେଲେ ଏମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବେ। ଏନେଇ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସରକାରଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସମ୍ମିଳନୀରେ ଅଖିଳ ଭାରତ ଛାତ୍ର ସଂଘ ସହବନ୍ଧିତ ନିଖିଳ ଓଡ଼ିଶା ଡଇଏଲ୍‌ଇଡି ଛାତ୍ର ସଂଘର ରାଜ୍ୟ ସଭାପତି ଚନ୍ଦନ କୁମାର ବେହେରା, ଦ୍ୱିତିକୃଷ୍ଣ ବେହେରା, ସୁଦାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କୁଆଁପାଳରେ ଅସ୍ଥାୟୀ ଜେଏମ୍‌ଏଫ୍‌ସି କୋର୍ଟ ଚାଲିବ

ମାହାଙ୍ଗା,୧୯।୭(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ କୁଆଁପାଳସ୍ଥିତ ରାଜୀବ ସେବା କେନ୍ଦ୍ରରେ ଅସ୍ଥାୟୀ ଜେଏମ୍‌ଏଫ୍‌ସି କୋର୍ଟ ଆରମ୍ଭ ହେବ। ଏନେଇ ଜିଲା ସିଭିଲ ଜଜ କୋର୍ଟ ରେଜିଷ୍ଟ୍ରାର ପଦ୍ମଲୋଚନ ବଡ ଜେନା ଓ କୋର୍ଟ ମ୍ୟାନେଜର ଆଶିଷ ଘୋଷ ପ୍ରମୁଖ ଉକ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ। କୋର୍ଟର ଆବଶ୍ୟକତା ଅନୁଯାୟୀ ବସିବା ସ୍ଥାନ ଓ ହାଜତ ନିର୍ମାଣ କରିବାକୁ ସେମାନେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ମାହାଙ୍ଗାରେ ସ୍ଥାୟୀ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ନିମନ୍ତେ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ବ୍ଲକ ଅଧକ୍ଷ ଶରତ ନାୟକ, ବିଡିଓ ନୀହାର ରଞ୍ଜନ ମଲ୍ଲିକ, ତହସିଲଦାର ମଧୁସୂଦନ ନାୟକ,ଅତିରିକ୍ତ ତହସିଲ୍‌ଦାର ଦିଲୀପ ନାୟକ ଓ ଆଇନଜୀବୀ ଶ୍ରୀବନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

**ଆମେ ବି ସଶକ୍ତ...**


ଭୁବନେଶ୍ୱର ଓୟୁଏଟି ପରିସରରେ ବହୁଦିନ ହେବ ଭାଙ୍ଗିପଡିଥିବା ଏକ ଗଛକୁ ମହିଳାମାନେ କୁରାଢ଼ିରେ ହାଣି ଜାଳେଣି ସଂଗ୍ରହ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଲିପୁ


@ ପ୍ରକାଶ


@ ସାଇସୁବାସ


@ ରୁଦ୍ର


@ ସ୍ୱାଗତିକା


@ ଲୁଚୁନ୍


@ ଆୟୁଶ

# ନିରଞ୍ଜନଙ୍କ ବିରୋଧରେ ଆଉ ୫ ଅଭିଯୋଗ

ଭୁବନେଶ୍ୱର,୧୯।୭(ବ୍ୟୁରୋ)



- ଯାଜପୁରରୁ ୪, କଟକରୁ ଜଣଙ୍କୁ ବି ଠକିଛନ୍ତି
- ୧୫ବର୍ଷ ତଳେ ଜମି ଦେବାକୁ କହି ୨ଲକ୍ଷ ଲେଖାଏ ନେଇଥିଲେ
- ୭ଦିନିଆ ରିମାଣ୍ଡରେ ଆଣିବାକୁ ପ୍ରସ୍ତୁତି

ରାଜଧାନୀରେ ଜମି ଦେବାକୁ କହି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ମାମଲାରେ ବିଲ୍ଡର ତଥା ଚଳଚ୍ଚିତ୍ର ପ୍ରଯୋଜକ ନିରଞ୍ଜନ ରଣାଙ୍କୁ ଗୁରୁବାର ଶହୀଦନଗର ଥାନା ପୋଲିସ ଗିରଫ କରିଥିଲା। ତେବେ ସେ ଜେଲ୍ ଯିବାପରେ ତାଙ୍କ ବିରୋଧରେ ଠକେଇ ଅଭିଯୋଗ ବଢ଼ିବାରେ ଲାଗିଛି। ସୋମବାର ଶହୀଦନଗର ଥାନାରେ ଯାଜପୁର ଜିଲାରୁ ୪ଜଣ ଓ କଟକର ଜଣେ ବ୍ୟକ୍ତି ଠକେଇ ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି, ନିରଞ୍ଜନ ୧୫ବର୍ଷ ତଳେ ସେମାନଙ୍କୁ ଭୁବନେଶ୍ୱରରେ ଜମି ଦେବାକୁ କହି ୨ଲକ୍ଷ ଟଙ୍କା ଲେଖାଏ ଆଡଭାନ୍ସ ନେଇଥିଲେ। ପରେ ଜମି ଦେଇ ନ ଥିଲେ କି ଟଙ୍କା ଫେରସ୍ତ କରି ନ ଥିଲେ। ଟଙ୍କା ମାଗିଲେ ମାରିଦେବାକୁ ଧମକ ଦେଉଥିଲେ। ତେବେ ନିରଞ୍ଜନ ଗିରଫ ହୋଇଥିବା ଶୁଣିବା ପରେ ସେମାନଙ୍କ ସହ ଠକେଇର ଶିକାର ଅନ୍ୟମାନେ ମଧ ଥାନାରେ ଅଭିଯୋଗ କରିବାକୁ ସାହସ ଜୁଟାଇଛନ୍ତି। ତେବେ ଲିଖିତ ଅଭିଯାଗ ଆଧାରରେ ପୋଲିସ ନିରଞ୍ଜନଙ୍କ ବିରୋଧରେ ଆଉ ୫ଟି ମାମଲା ରୁଜୁ କରିଛି। ଅଭିଯୋଗର ସଂଖ୍ୟା ଆହୁରି ବୃଦ୍ଧି ଘଟିପାରେ ବୋଲି ପୋଲିସ ଆଶଙ୍କା କରୁଛି। ଅନ୍ୟପକ୍ଷେ ନିରଞ୍ଜନଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରିବାକୁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଛି। ରିମାଣ୍ଡରେ ଆସିବା ପରେ ତାଙ୍କ ଠକେଇ ର୍‍ୟାକେଟର ଆହୁରି ବହୁ ତଥ୍ୟ ମିଳିବ। ତେବେ ଏପର୍ଯ୍ୟନ୍ତ ବଡ଼ଗଡ ଓ ଶହୀଦନଗର ଥାନାକୁ ମିଶାଇ ନିରଞ୍ଜନଙ୍କ ବିରୋଧରେ ୨୫ରୁ ଊର୍ଦ୍ଧ୍ୱ ଅଭିଯୋଗ ହୋଇଛି। ପୂର୍ବରୁ ସେ ଇଓଡବ୍ଲୁ ଦ୍ୱାରା ଗିରଫ ହୋଇ ଜେଲ ମଧ ଯାଇଥିଲେ। ଏଥିସହିତ ଠକେଇ ଟଙ୍କାରେ ସେ ଓଡିଆ ଚଳଚ୍ଚିତ୍ର ପ୍ରଯୋଜନା କରୁଥିଲେ। କମିଶନରେଟ୍ ପୋଲିସର ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ତାଙ୍କୁ ସେ ସମୟରେ ସାହାଯ୍ୟ କରୁଥିବା ମଧ ପୂର୍ବରୁ ଚର୍ଚ୍ଚା ହୋଇଥିଲା। ନିରଞ୍ଜନଙ୍କ ନାମରେ ଆସୁଥିବା ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ଅଧିକାରୀ ଚାପି ଦେଉଥିବା କଥା ବି ଉଠିଥିଲା। ନିରଞ୍ଜନଙ୍କଠାରୁ ଏସବୁ ଗୁମର ଖୋଲିବ ବୋଲି ପୋଲିସ ଆଶା ରଖିଛି। ଉଲ୍ଲେଖଯୋଗ୍ୟ, ନିରଞ୍ଜନଙ୍କର ପାହାଳ, ବାଲିଅନ୍ତା, ବାଲିପାଟଣା ସମେତ ବିଭିନ୍ନ ସ୍ଥାନରେ ପ୍ରୋଜେକ୍ଟ ରହିଛି। ସେ ସେଠାରେ ଜମି ଦେବାକୁ କହି ଅନେକ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକିନେଇଥିଲେ। ଠକେଇରେ ଶିକାର ଲୋକେ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନିରଞ୍ଜନଙ୍କୁ ଗିରଫ କରିଥିଲା।

# ତୈଳ ଦର ବୃଦ୍ଧିକୁ କଂଗ୍ରେସର ବିରୋଧ

କଟକ ଅଫିସ, ୧୯।୭

କଟକ ନଗର କଂଗ୍ରେସ କମିଟି ପକ୍ଷରୁ ସହରର ସମସ୍ତ ବ୍ଲକ କଂଗ୍ରେସ କମିଟିଗୁଡ଼ିକ ସୋମବାର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରତିବାଦ କରିବା ସହ ଏକ ଜନସଚେତନ ଦସ୍ତଖତ ଅଭିଯାନ ଅନୁଷ୍ଠିତ କରାଯାଇଛି। କଟକ ନଗର ୧ ନମ୍ବର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସତୀଚଉରାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ସଭାପତି କିଶୋର କରଙ୍କ ନେତୃତ୍ୱରେ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମ ଯୋଗଦେଇ କେନ୍ଦ୍ରରେ ମୋଦି ସରକାର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସରେ ଦେଶବାସୀଙ୍କଠାରୁ ୨୫ ଲକ୍ଷ କୋଟି ଟଙ୍କା ଲୁଟି ସାରିଲେଣି ବୋଲି ଅଭିଯୋଗ କରିଥିଲେ। ସେହିପରି ୨, ୩, ୪, ୫, ୬, ୭, ୮ ଏବଂ ୯ ନଂ ବ୍ଲକ୍‌ର କଂଗ୍ରେସ ନେତୃମଣ୍ଡଳୀଙ୍କ ପକ୍ଷରୁ ନିଜ ଅଞ୍ଚଳରେ ଜନସଚେତନ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଯାଇଛି। ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ନମିତା ମଞ୍ଜରୀ ସାହୁ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ହିମାଂଶୁ ରାଉତ, ଅଶ୍ୱିନୀ ମହାରଣା, ତୃପ୍ତି ଦାସ, ଶରତ ଚନ୍ଦ୍ର ସେଠୀ, କ୍ଷୀରୋଦ ସାହୁ, ସେକ ଜିଆଉଦ୍ଦୀନ, ମହମ୍ମଦ ଅଲିମ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ଏନ. ନୀଳାଦ୍ରି ରାଓ, ଲିଜାରାଣୀ ରାଉତ, ସ୍ମୃତି ରଞ୍ଜନ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ଜଳିଗଲା ଦୋକାନ**

ଭୁବନେଶ୍ୱର,(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ହାଉସିଂବୋର୍ଡ କଲୋନୀରେ ଥିବା ସୁନିଲ ମହାନ୍ତିଙ୍କ ଏକ ଟେଲର ଦୋକାନରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଦୋକାନ ମାଲିକ ଉକ୍ତ ଦୋକାନରେ କିଛିଦିନ ହେବ ଗ୍ରସେରୀ ଜିନିଷ ବିକ୍ରି କରୁଥିଲେ। ଅଗ୍ନିକାଣ୍ଡରେ କପଡା ସହ ୫୦ ହଜାର ଟଙ୍କାର ଗ୍ରସେରୀ ଜିନିଷ ନଷ୍ଟ ହୋଇଥିବା ଜଣାପଡିଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

## ସଂକ୍ଷେପରେ

### ‘ଅଗଷ୍ଟରୁ ଶ୍ରୀମନ୍ଦିର ନ ଖୋଲିଲେ ଅନଶନ’

**ପୁରୀ ଅଫିସ,୧୯।୭:** ଆସନ୍ତା ଅଗଷ୍ଟ ୫ରୁ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲା ନ ଗଲେ ୬ ତାରିଖରେ ଶ୍ରୀମନ୍ଦିର ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ସୁଆର ମହାସୁଆର ନିଯୋଗର ପୂର୍ବତନ ସଭାପତି ତଥା ସୁଆର ମହାସୁଆର ସେବାୟତ ଦାମୋଦର ମହାସୁଆର। ସେ କହିଛନ୍ତି, ମହାମାରୀ କରୋନା ଯୋଗୁ ଦୀର୍ଘମାସ ହେବ ଶ୍ରୀମନ୍ଦିର ବନ୍ଦ ରହିଛି। ଫଳରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ସେହିଭଳି ଭକ୍ତଙ୍କୁ ନିର୍ଭର କରି ଚଳୁଥିବା ସେବାୟତଙ୍କ ଆର୍ଥିକ ଅବସ୍ଥା ଖରାପ ହେବାରେ ଲାଗିଛି। ଏଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ କି ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ତୁରନ୍ତ ଶ୍ରୀମନ୍ଦିର ଖୋଲା ନ ଗଲେ ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିବ ବୋଲି ସେ କହିଛନ୍ତି।

### ଦୁର୍ଘଟଣାରେ ଯୁବକ ମୃତ

**ଭୁବନେଶ୍ୱର,୧୯।୭(ବ୍ୟୁରୋ):** ଖଣ୍ଡଗିରି ଓଭରବ୍ରିଜ୍ ଉପରେ ସୋମବାର ସକାଳେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ବୟସ ୨୮ରୁ ୩୪ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଖଣ୍ଡଗିରି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ମାମଲା (୩୭୯/୨୧) ରୁଜୁ କରି ମୃତକଙ୍କ ପରିଚୟ ଜାଣିବା ପାଇଁ ଅନୁସନ୍ଧାନ ଜାରି ରଖିଛି।

### ବିଜେଡି ନେତା ନୃସିଂହ ଦାଶଙ୍କ ପରଲୋକ

**ପୁରୀ ଅଫିସ,୧୯।୭:** ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସହଯୋଗୀ ତଥା ବରିଷ୍ଠ ବିଜେଡି ନେତା ନୃସିଂହ ଚରଣ ଦାଶଙ୍କର ରବିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଦାଶ ପୁରୀ ଜିଲା ବ୍ରହ୍ମଗିରି ବ୍ଲକ୍ ଡିମିରିସେଣା ପଞ୍ଚାୟତର ହୁବାସାହି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଚାରିଥର ଡିମିରିସେଣା ଗ୍ରାମ ପଞ୍ଚାୟତର ସରପଞ୍ଚ ରହିଥିଲେ। ସେ ଜଣେ ସାମାଜିକ କର୍ମୀ ପରୋପକାରୀ ବ୍ୟକ୍ତି ଥିଲେ। ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଚାରି ପୁଅ, ବୋହୂ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ବଡପୁଅ ଶାନ୍ତନୁ ମୁଖାଗ୍ନି ଦେଇଥିଲେ। କୃଷକ ନେତା ଦୁର୍ଗାମାଧବ ତ୍ରିପାଠୀ, ଭରତ ସ୍ୱାଇଁ, ନୀଳମଣି ଭଟ୍ଟାଚାର୍ଯ୍ୟ, କରୁଣାକର ବେହେରା, ପର୍ଶୁରାମ ପ୍ରଧାନଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି।

### ରୋଟାରି କ୍ଲବ୍ ପକ୍ଷରୁ ଚାରାରୋପଣ

**ଭୁବନେଶ୍ୱର,୧୯।୭(ବ୍ୟୁରୋ):** ରୋଟାରି କ୍ଲବ୍ ଭୁବନେଶ୍ୱର ସ୍କାଇଲ ଏବଂ ରୋଟ୍ରାକ୍ଟ କ୍ଲବ ଭୁବନେଶ୍ୱର ସ୍କାଇଲ ଦ୍ୱାରା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୦୦ଟି ଚାରାରୋପଣ କରାଯାଇଥିଲା। ବିମାନ ବନ୍ଦରର ନିର୍ଦ୍ଦେଶକ ଡ.ପ୍ରଭାତ ରଞ୍ଜନ ବେଉରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ରୋଟାରି କ୍ଲବର କାର୍ଯ୍ୟ ଓ ଲକ୍ଷ୍ୟର ପ୍ରଶଂସା କରିଥିଲେ। ରୋଟାରି ଜିଲା -୩୨୬୨ର ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ୍ ଶାନ୍ତନୁ ପାଣି, ରୋଟାରିଆନ୍ ରବି ନାରାୟଣ ନନ୍ଦ, ଭୁବନେଶ୍ୱର ସ୍କାଇଲର ସଭାପତି ରୋଟାରିଆନ୍ ସୌମ୍ୟକାନ୍ତ ମହାନ୍ତି, ସମ୍ପାଦିକା ରୋଟାରିଆନ୍ ସୁଚିତ୍ରା ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଜବରଦଖଲରେ ସ୍ଲମ୍ କ୍ୱାର୍ଟର୍ସ

**କଟକ ଅଫିସ, ୧୯।୭**

### ବିପଦସଙ୍କୁଳ ଘୋଷଣା ପରେ ବି ସିଏମ୍‌ସି ଚୁପ୍



କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ଯୋବ୍ରାରେ ଯୋବ୍ରା କ୍ୱାର୍ଟର୍ସ ବା ସ୍ଲମ କ୍ୱାର୍ଟର୍ସ ରହିଛି। ଏଠାରେ ୧୧୯ଟି କ୍ୱାର୍ଟର୍ସ ଥିବାବେଳେ ୯୬ଟି ଦୁଇ ମହଲା ଓ ୨୩ଟି ସିଙ୍ଗଲ କ୍ୱାର୍ଟର୍ସ ରହିଛି। ୧୯୭୦-୭୧ରେ ନିର୍ମିତ ଏହି କ୍ୱାର୍ଟର୍ସରେ ସେତେବେଳେ ସିଏମ୍‌ସି, ଫିଶରି, ଓଏସ୍‌ଆର୍‌ଟିସି କର୍ମଚାରୀଙ୍କ ସମେତ କେତେକ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ରହିବାକୁ ଦିଆଯାଇଥିଲା। ଏ ବାବଦରେ ସିଏମ୍‌ସି ସେମାନଙ୍କଠାରୁ ୨୦ ଟଙ୍କା ଘରଭଡ଼ା ଓ ୨ଟଙ୍କା ପାଣି କର ନେଉଥିଲା। ତେବେ ସର୍ତ୍ତ ରହିଥିଲା ଅବସର ପରେ କ୍ୱାର୍ଟର୍ସ ଛାଡ଼ିବାକୁ ପଡ଼ିବ। ମାତ୍ର ଅବସର ପରେ କ୍ୱାର୍ଟର୍ସ ଛାଡ଼ିବା ପରିବର୍ତ୍ତେ ହଜାର ହଜାର ଟଙ୍କାରେ ଭଡ଼ା ଲଗାଇ ନିଜ ଘରକୁ ଚାଲିଗଲେ। ଏପରି କି ନେତା, ମନ୍ତ୍ରୀଙ୍କ ସହାୟତାରେ କୋଟି କୋଟି ଟଙ୍କାର ସମ୍ପତ୍ତିକୁ ଶାଗ ମାଛ ମୂଲ୍ୟରେ କିଣିବାକୁ ଚକ୍ରାନ୍ତ ଚଳାଇଲେ। ୧୯୯୮ରୁ ମହାନଗର ନିଗମ ପରିଷଦ ବୈଠକରେ ବହୁବାର ଏମାନଙ୍କ ସପକ୍ଷରେ ରିଜୋଲ୍ୟୁଶନ ପାରିତ କରାଇ ଘରଗୁଡ଼ିକୁ କିଣିବା ପାଇଁ ମସୁଧା ହୋଇଥିଲା। ତେବେ ରିଜୋଲ୍ୟୁଶନ କାର୍ଯ୍ୟକାରୀ ନ ହେବାରୁ ବିପିନ ବିହାରୀ ମହାପାତ୍ର ଏବଂ ଅନ୍ୟମାନେ ହାଇକୋର୍ଟରେ ୨୦୧୬ରେ ଦୁଇଟି ମାମଲା ଦାଏର କଲେ। ହାଇକୋର୍ଟ ମାମଲାର ଶୁଣାଣି କରି ୧୬. ୩. ୨୦୧୭ରେ ଯୋବ୍ରା କ୍ୱାର୍ଟର୍ସ/ସ୍ଲମ କ୍ୱାର୍ଟର୍ସକୁ ଅନ୍ତେବାସୀମାନଙ୍କୁ ବିକ୍ରି ସୂତ୍ରେ ଦେବା ନିମନ୍ତେ ସିଏମ୍‌ସି ପରିଷଦରେ ପାରିତ ପ୍ରସ୍ତାବର ବିଚାର କରି ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ କୋର୍ଟ ନିର୍ଦ୍ଦେଶ ସିଏମ୍‌ସି ପାଳନ କରୁ ନ ଥିବା ଦର୍ଶାଇ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ୨୭.୪.୨୦୧୮ରେ ଏକମାସ ମଧ୍ୟରେ ପୂର୍ବ ଆଦେଶନାମାକୁ ଅନୁପାଳନ କରିବା ଲାଗି ସିଏମ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ୩୧.୫.୨୦୧୭ରେ ମହାନଗର ନିଗମ ପରିଷଦ ବୈଠକରେ କୋର୍ଟ ନିର୍ଦ୍ଦେଶ ପାଳନ କରାଯାଇ ଅତିରିକ୍ତ ଆୟୁକ୍ତ-୧ଙ୍କ ତତ୍ତ୍ୱାବଧାନରେ ଉପଆୟୁକ୍ତ ତଥା ବସ୍ତି ଉନ୍ନୟନ ଅଧିକାରୀ, ଉପଆୟୁକ୍ତ-୩, ସଚିବ, ନଗର ଯନ୍ତ୍ରୀ, ନଗର ସ୍ୱାସ୍ଥ୍ୟ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ-୧, ନିର୍ବାହୀ ଯନ୍ତ୍ରୀ-୨ ଓ ଉପନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ସ୍ଲମ୍ କ୍ୱାର୍ଟର୍ସରେ ରହୁଥିବା ଅଧିକାଂଶ ବ୍ୟକ୍ତିଙ୍କର କଟକ ସହରରେ ଘର ଥିବା ଜାଣିବାକୁ ପାଇଥିଲା। ଏଥିସହ କେତେକ ବ୍ୟକ୍ତି ଅବସର ଓ କେତେଜଣଙ୍କ ମୃତ୍ୟୁ ପରେ ମଧ୍ୟ ପରିବାରବର୍ଗ କ୍ୱାର୍ଟର୍ସ ମାଡ଼ି ବସିଥିବା କମିଟି କହିଥିଲା। କେତେଜଣ ବ୍ୟକ୍ତି ମୌଖିକ ଭାବେ କ୍ୱାର୍ଟର୍ସକୁ ଅନ୍ୟ ଲୋକଙ୍କୁ ବିକ୍ରୟ କରିଦେଇଥିବା କମିଟି ଜାଣିବାକୁ ପାଇଥିଲା। ସେହିପରି ୨୪।୩।୨୦୧୬ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ କଟକ ପୂର୍ତ୍ତ ବିଭାଗ-୧ ଏବଂ ସିଏମ୍‌ସିର ଇଞ୍ଜିନିୟରଙ୍କୁ ନେଇ ଏକ ବୈଷୟିକ କମିଟି ଗଠନ ହୋଇଥିଲା। ଉକ୍ତ କମିଟି କ୍ୱାର୍ଟର୍ସ ଅନୁଧ୍ୟାନ କରି ୧୩.୫.୨୦୧୬ରେ ସେଗୁଡ଼ିକୁ ବିପଦସଙ୍କୁଳ ଘୋଷଣା କରିଥିଲେ। ଏ ନେଇ ୨୮.୧୧.୧୯୯୮, ୧୧.୧.୨୦୦୮, ୨୮.୧.୨୦୦୮, ୫.୯.୨୦୦୮, ୩୧.୫.୨୦୧୩ରେ ସିଏମ୍‌ସି ସାଧାରଣ ପରିଷଦ ବୈଠକରେ ମ୍ୟୁନିସିପାଲ କଲୋନୀରେ ରହୁଥିବା ଲୋକଙ୍କୁ ବିକ୍ରି କରିବା ନିମନ୍ତେ ପାରିତ ପ୍ରସ୍ତାବକୁ ବାତିଲ କରାଯାଇଛି। ତେବେ ସିଏମ୍‌ସି ପକ୍ଷରୁ ହାଇକୋର୍ଟ ଓ ରାଜ୍ୟ ସକାରକାଙ୍କୁ ଏ ବାବଦରେ ଅବଗତ କରାଯିବା ସହ ଅନ୍ତେବାସୀଙ୍କୁ ନୋଟିସ୍ ଦିଆଯାଇଛି। ଏ ନେଇ ସ୍ଥାନୀୟ ବାସିନ୍ଦା ଦେବେନ୍ଦ୍ର ସାହୁ କହିଛନ୍ତି, କ୍ୱାର୍ଟର୍ସ ଅନ୍ତେବାସୀ ତାଙ୍କ କ୍ୱାର୍ଟର୍ସ ସାମ୍ନା ଓ ପଛରେ ଥିବା ଜାଗାକୁ ମାଡ଼ିବସି ସେଠାରେ ଘର ନିର୍ମାଣ କରିସାରିଛନ୍ତି। ସରକାର ଏହି କ୍ୱାର୍ଟର୍ସଗୁଡ଼ିକୁ ବିପଦସଙ୍କୁଳ ବୋଲି ଘୋଷଣା କରିଛନ୍ତି। ଏବେ ବର୍ଷାଋତୁ ଚାଲିଛି। ଯଦି ପ୍ରବଳ ଲଗାଣ ବର୍ଷା ହୁଏ, ତେବେ କ୍ୱାର୍ଟର୍ସଗୁଡ଼ିକର ଅବସ୍ଥା କ’ଣ ହେବ ତାହା ଭଗବାନ୍‌ଙ୍କୁ ଜଣା। ସେହିପରି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ-୧ ପ୍ରଭାସ ମାଝି କହିଛନ୍ତି, ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା କମିଟି ସିଏମ୍‌ସିକୁ ତା’ର ରିପୋର୍ଟ ପ୍ରଦାନ କରିସାରିଛି। ଏଣୁ ଏ ସମ୍ବନ୍ଧରେ ଏବେ ଆମର ଜବାବ ଦେବାର ନାହିଁ। ଅନ୍ୟପକ୍ଷରେ ମହାନଗର ନିଗମ ସେକ୍ରେଟାରୀ ଲତାଶ୍ରୀ ବାଗଙ୍କୁ ପଚାରିବାରେ ଏ ସମ୍ବନ୍ଧରେ ଅବଗତ ନାହାନ୍ତି ବୋଲି ସେ କହିଛନ୍ତି।

### ଟାଟା ପାୱାର କାର୍ଯ୍ୟାଳୟ ଘେରିଲା ଭାଜପା

**ନିମାପଡ଼ା,୧୯।୭(ଡି.ଏନ୍.ଏ.)**

ନିମାପଡ଼ା ଅଞ୍ଚଳରେ ଗତ କିଛିଦିନ ହେବ ଲୋଭୋଟେଜ, ଅଘୋଷିତ ବିଦ୍ୟୁତ୍ କାଟ ସମସ୍ୟା ଲାଗିରହିଛି। ଏହାର ପ୍ରତିବାଦରେ ଗ୍ରାମୀଣ ଓ ନଗର ମଣ୍ଡଳ ଭାଜପା ପକ୍ଷରୁ ସୋମବାର ଦିଘାଳୋସ୍ଥିତ ଟାଟା ପାୱାର ମ୍ୟାନେଜରଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ରାଜ୍ୟ ଭାଜପା ଉପସଭାନେତ୍ରୀ ପ୍ରଭାତି ପରିଡ଼ାଙ୍କ ନେତୃତ୍ୱରେ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ଏକ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ଟାଟା ପାୱାର ମ୍ୟାନେଜରଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରିଥିଲେ। ସଭାରେ ତପସ୍ୱିନୀ ବେହେରା, ସୌଦାମିନୀ ସେନାପତି, ମାନସ ପ୍ରଧାନ, ଦିଲୀପ ପାତ୍ର, ସୁଶାନ୍ତ ସ୍ୱାଇଁ, ରାଜକିଶୋର ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା, ଲୋଭୋଲଟେଜର ସମସ୍ୟା ଦୂର, ବିଦ୍ୟୁତ୍ ଶୁଳ୍କ ହ୍ରାସ ଆଦି ବିଭିନ୍ନ ଦାବି କରିଥିଲେ। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି କର୍ମୀମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଟାଟା ପାୱାର ଆସିଷ୍ଟାଣ୍ଟ ମ୍ୟାନେଜର ସୁଧାଂଶୁ ଶେଖରଙ୍କୁ ଏକ ଦାବିପତ୍ର ଦିଆଯାଇଛି।

## ମନ୍ତ୍ରୀଙ୍କ ପୂର୍ବରୁ ସରପଞ୍ଚ କଲେ ଭିତ୍ତିପ୍ରସ୍ତର

**ଗୋପ,୧୯।୭(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ପିଇବା ପାଣିକୁ ନେଇ ରାଜନୀତି ଆରମ୍ଭ ହୋଇଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଙ୍ଗଳବାର ସରକାରୀ ସ୍ତରରେ ଏହି ପଞ୍ଚାୟତର ଇଚ୍ଛାପୁର, ସିରିକେରେଣ୍ଡା ଗ୍ରାମରେ ପିଇବା ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ଥିବାବେଳେ ସ୍ଥାନୀୟ ସରପଞ୍ଚ ବନରଞ୍ଜନ ପଟ୍ଟନାୟକ ଏହି ପାଣି ପ୍ରକଳ୍ପକୁ ତରବରିଆ ଭାବେ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ୨୦୨୨ ସୁଦ୍ଧା ପ୍ରତ୍ୟେକ ପରିବାରକୁ ପିଇବା ପାଣି ଯୋଗାଇ ଦେବାର ବ୍ୟବସ୍ଥା ନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ସେହି ଯୋଜନା ମୁତାବକ ମଙ୍ଗଳବାର ଗୋପ ବ୍ଲକର ୬ ପଞ୍ଚାୟତର ୧୮ ଗ୍ରାମରେ ପିଇବା ପାଣି ପ୍ରକଳ୍ପ ସହିତ ଆଉ କେତେକ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ ପାଇଁ ମନ୍ତ୍ରୀ ଦାଶଙ୍କ ସରକାରୀ ଗସ୍ତ କାର୍ଯ୍ୟକ୍ରମ ରହିଛି। ହେଲେ ସୋମବାର ଅଣ୍ଡରା-ଇଚ୍ଛାପୁରର ସରପଞ୍ଚ ପଟ୍ଟନାୟକ କେତେଜଣ ହାତଗଣତି ଦଳୀୟ କର୍ମୀଙ୍କ ସହ ଆଗୁଆ ପିଇବା ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପଟ୍ଟନାୟକଙ୍କୁ ପଚାରିବାରେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ମୋ ନିକଟରେ ଖବର ନାହିଁ। ଯେହେତୁ ପଞ୍ଚାୟତର ପିଇବା ପାଣି ଦାୟିତ୍ୱ ମୋର, ତେଣୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲି। ଅପରପକ୍ଷେ ମନ୍ତ୍ରୀ ଦାଶ କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟକ୍ରମ ମୁତାବକ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି କହିଛନ୍ତି। ଜଳ ପରିମଳ ବିଭାଗ ଯନ୍ତ୍ରୀ ଗୋପୀବଲ୍ଲଭ ପାଣିଗ୍ରାହୀଙ୍କୁ ପଚାରିବାରେ କେବଳ ରାଜନୈତିକ ବିବାଦ ହିଁ ମୁଖ୍ୟ କାରଣ ବୋଲି କହିଛନ୍ତି।



ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାର ଡିଜିଟାଲ ଚିତ୍ର ଆଙ୍କିଛନ୍ତି ପୁରୀର ରାଜେଶ ପୃଷ୍ଟି (ବାମ) ଏବଂ ସୂର୍ଯ୍ୟକାନ୍ତ ଦାସ (ଡାହାଣ)

## ଭୁବନେଶ୍ୱର: ଏକାଧିକ ଅଞ୍ଚଳ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

**ଭୁବନେଶ୍ୱର, ୧୯।୭ (ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣ କମୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଅଧିକ ରହୁଥିବାରୁ ବିଏମ୍‌ସି ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି। ଗତ କିଛିଦିନ ହେବ ଏକାଧିକ ଆକ୍ରାନ୍ତ ଚିହ୍ନଟ ସ୍ଥାନକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇ କଟକଣା ଲାଗୁ କରାଯାଉଛି। ସୋମବାର ରାଜଧାନୀର ଏକାଧିକ ଅଞ୍ଚଳକୁ ବିଏମ୍‌ସି ପକ୍ଷରୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ୱାର୍ଡ ନଂ.୫୨ ଅନ୍ତର୍ଗତ ୟୁନିଟ-୬ର ଗଙ୍ଗନଗରସ୍ଥିତ ବୃନ୍ଦାବନ ପ୍ଲାଜାର ପଞ୍ଚମ ମହଲାରେ ଥିବା ଫ୍ଲାଟ୍ ନଂ. ୨୦୭, ୨୦୮, ୫୦୬, ୫୦୯ ଓ ୫୧୦ରୁ ଏକାଧିକ ପଜିଟିଭ୍ ଚିହ୍ନଟ ହେବା ପରେ ବିଏମ୍‌ସି କଣ୍ଟେନମେଣ୍ଟ କଟକଣା ଲାଗୁ କରିଛି। ଦକ୍ଷିଣ ପୂର୍ବ ଜୋନ୍‌ର ୟୁନିଟ-୪ ଅନ୍ତର୍ଗତ ମଧୁସୂଦନ ନଗରର ପ୍ଲଟ୍ ନଂ. ୮୪, ୱାର୍ଡ ନଂ. ୩୬ ଅନ୍ତର୍ଗତ ୟୁନିଟ୍-୪ର ପୁରୁଣା ଏଜି କଲୋନୀ, ଉତ୍ତର ଜୋନ୍‌ରେ ୱାର୍ଡ ନଂ. ୭ ଅନ୍ତର୍ଗତ ଶୈଳଶ୍ରୀ ବିହାରର ଏଚ୍‌ଆଇଜି-୫୨, ଜିଏ-୨୧୬, ଭିଆଇଏମ୍-୧୪, ୱାର୍ଡ ନଂ.୬ ଶିଶୁବିହାରର ପ୍ଲଟ୍ ନଂ. ୨୪୭୬, ୱାର୍ଡ ନଂ. ୩ ଅନ୍ତର୍ଗତ ଶ୍ରୀ ବିହାରର ପ୍ଲଟ୍ ନଂ.୬୬୫, ପଟିଆ, ଆଇଆର୍‌ଆଇଏସ୍ ବ୍ଲକ୍‌ର ୬ଷ୍ଠ ଆଭେନ୍ୟୁ ଆପାର୍ଟମେଣ୍ଟ, ୱାର୍ଡ ନଂ. ୧୪ ଅନ୍ତର୍ଗତ ନିଳାଦ୍ରୀ ବିହାରସ୍ଥିତ ହିଲ୍ ଭ୍ୟୁ ଆପାର୍ଟମେଣ୍ଟ, ନୀଳାଦ୍ରି ବିହାର ସେକ୍ଟର ୨ର ପ୍ଲଟ୍ ନଂ.୧୬୪, ୱାର୍ଡ ନଂ. ୪ ଅନ୍ତର୍ଗତ ବାଲିଅନ୍ତାର ମେଟ୍ରୋ ହାଇୱେ ଆପାର୍ଟମେଣ୍ଟର ଫ୍ଲାଟ ନଂ. ୨୦୭, ୱାର୍ଡ ନଂ. ୫ର ପଳାଶୁଣି ସତ୍ୟବିହାର ପ୍ଲଟ୍ ନଂ. ୨୧୯୭କୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଚିହ୍ନଟ କରାଯାଇଛି। ଏ ସମସ୍ତ ଅଞ୍ଚଳରେ ବିଏମ୍‌ସି ପକ୍ଷରୁ କଟକଣା ଜାରି ହେବା ସହ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା ଜାରି କରାଯାଇଛି। ସେହିପରି ସମ୍ପୃକ୍ତ ଅଞ୍ଚଳରେ ସମସ୍ତ ଦୋକାନ ସହ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ମୁକ୍ତା ଯୋଜନାରେ ଅନିୟମିତତା ଅଭିଯୋଗ

**ପୁରୀ ଅଫିସ, ୧୯।୭**

ରାଜ୍ୟ ସରକାର ମୁକ୍ତା ଯୋଜନାରେ ମହିଳା ସଂଘଗୁଡ଼ିକୁ କାମ ଦେବାକୁ ସ୍ଥିର କରିଥିବା ବେଳେ ଏଥିରେ ପ୍ରଥମରୁ ଅନିୟମିତତା ଦେଖାଦେଇଛି ବୋଲି ପୁରୀ ଜିଲା ଯୁବ କଂଗ୍ରେସ ଅଭିଯୋଗ ଆଣିଛି। ଘଟଣାର ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଯୁବ କଂଗ୍ରେସ ନେତା ଆଲୋକ କୁମାର ଦାଶ ଅଭିଯୋଗ କରିଛନ୍ତି ଯେ, ମୁକ୍ତା ଯୋଜନା ନିମନ୍ତେ ତାଲିକା ହୋଇଛି। ପ୍ରଥମ ତାଲିକା ପ୍ରକାଶ ପରେ ରାତିଅଧରେ ପୁଣି ସାନି ତାଲିକା ତିଆରି କରାଯାଇଛି। ପ୍ରଥମ ତାଲିକାରେ ଥିବା ମହିଳା ସଂଘର ସଭାପତି ଓ ସମ୍ପାଦିକାଙ୍କ ନାମ ମନଇଚ୍ଛା ଦ୍ୱିତୀୟ ତାଲିକାରୁ କାଟି ଦିଆଯାଇଛି। ଅନେକ ୱାର୍ଡର ମହିଳା ସଂଘ ସଭାପତି ଓ ସମ୍ପାଦିକାଙ୍କ ନାମ ରାତିଅଧିଆ ବଦଳାଇବା କାରଣ କ’ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଦ୍ୱିତୀୟ ପରିବର୍ତ୍ତିତ ତାଲିକାରେ ଅନେକ ବିଜେଡି ନେତ୍ରୀଙ୍କ ନାମ ରହିଛି। ସେହିପରି ତାଲିକାରେ ୧୩ନମ୍ବର ୱାର୍ଡ ମହିଳା ସଂଘର ନାମ ରଖା ନ ଯିବା କାରଣ ବୁଝାପଡୁ ନ ଥିବା ସେ କହିଛନ୍ତି। ଏ ନେଇ ଦାଶଙ୍କ ସମେତ ବସ୍ତି ନେତା ମନୋଜ ମଣ୍ଡଳ, ପୂର୍ବତନ ଛାତ୍ର କଂଗ୍ରେସ ଜିଲା ସଭାପତି ଆଶୁତୋଷ ମିଶ୍ର, ଛାତ୍ର ନେତା ଅନିଲ ବେଜ ଓ ରିଶାନ ଦାଶ ଏବଂ ବଳିଆପଣ୍ଡା ୭ନମ୍ବର ୱାର୍ଡର ନୀଳମାଧବ ଆଞ୍ଚଳିକ ମହିଳା ମହାସଂଘ କର୍ମକର୍ତ୍ତା ମିଳିତ ଭାବେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗପତ୍ର ଦେଇଛନ୍ତି। ଅନ୍ୟପକ୍ଷରେ ଅନିୟମିତତା ନେଇ ଅଧିକାରୀମାନେ ନିଜ ମୁଣ୍ଡରୁ ଦୋଷ ଖସାଇବାରେ ଲାଗିପଡ଼ିଛନ୍ତି। ସେହିପରି ସୋମବାର ଏହି ପ୍ରସଙ୍ଗକୁ ନେଇ ପୁରୀ ଜିଲା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟରେ କେତେଜଣ ମହିଳା ତାଲା ପକାଇଥିଲେ। ଟାଉନ ଥାନା ଅଧିକାରୀ ଏବଂ ସିଡିପିଓ ପହଞ୍ଚି ୭ ଦିନ ମଧ୍ୟରେ ତଦନ୍ତ କରାଯିବ ବୋଲି କହିଥିଲେ। ଏହାପରେ ନୀଳମାଧବ ଆଞ୍ଚଳିକ ମହିଳା ମହାସଂଘ ପକ୍ଷରୁ ବିଜେଡି ନଗର ସଭାପତିଙ୍କ ନାମରେ ଏତଲା ଦିଆଯାଇଛି। ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଦାଶ କହିଛନ୍ତି।

### ବିଜେଡି ସମୀକ୍ଷା ବୈଠକ

**ନିମାପଡ଼ା,୧୯।୭(ଡି.ଏନ୍.ଏ.)**

ବିଜେଡି ପକ୍ଷରୁ ସୋମବାର ନିମାପଡ଼ାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ୧୯ନଂ. ଜୋନସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ପଞ୍ଚାୟତ ସ୍ତରରୁ ଦଳକୁ ସୁଦୃଢ଼ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ନେତା ପ୍ରଦୀପ୍ତ ଖଟୋଇ, ବିଜୟ ପଟ୍ଟନାୟକ, ରବି ଦାସ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବାମନାଳ, ସଲଙ୍ଗ, ଅନ୍ଥୁଆର, ଧଳେଶ୍ୱର, ଧନୁଆଁ, ରେଞ୍ଚ, ଅଲଣ୍ଡା, ବଡ଼ଶିରୁଳା, ଅରିଷଣ୍ଡ ଆଦି ୯ ପଞ୍ଚାୟତର ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଗୋବିନ୍ଦ ଗୋଧାମ ଦେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ପୁରୀ ଅଫିସ, ୧୯।୭**




ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଗୋଧାମରେ ଗୋରୁଙ୍କୁ ଖାଦ୍ୟ ଖୁଆଉଛନ୍ତି।

ବ୍ରହ୍ମଗିରିରୋଡ଼ ଗୋରୁଆଳ ପଞ୍ଚାୟତର ଅଳିପଡ଼ାସ୍ଥିତ ତଥା ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଗୋବିନ୍ଦ ଗୋଧାମ ଗୋଶାଳାକୁ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ପରିଦର୍ଶନ କରିଛନ୍ତି। ଏହି ଅବସରରେ କ୍ରିଷନ କୁମାର ଗୋସେବା କରିଥିଲେ। ଗୋମାତାଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥା ଦେଖି ସେ ସନ୍ତୋଷ ବ୍ୟକ୍ତ କରିବା ସହିତ ଏହାର ବହୁବିଧି ବିକାଶ ସମ୍ପର୍କରେ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ଟ୍ରଷ୍ଟ ସଭାପତି ଭାଗିରଥି ପୂଜାପଣ୍ଡା, ବାବାଜୀ କୃଷ୍ଣଚନ୍ଦ୍ର ଦାସଜୀ, ଶ୍ରୀମନ୍ଦିର ବରିଷ୍ଠ ସେବକ ରଜତ କୁମାର ପ୍ରତିହାରୀ, ଗୋବିନ୍ଦ ଗୋଧାମ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ସେବକ ମଧୁସୂଦନ ସିଂହାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଚାରିପଟ ମୁଖ୍ୟରାସ୍ତାରୁ ପ୍ରଶାସନ ଦ୍ୱାରା ଉଦ୍ଧାର କରାଯାଇଥିବା ଗୋମାତାମାନଙ୍କୁ ଆଣି ଗୋଶାଳାରେ ରଖାଯାଇ ଉତ୍ତମ ସେବା କରାଯାଉଛି।

## ଖୁବ୍‌ଶୀଘ୍ର ଜଗନ୍ନାଥଙ୍କୁ ଜେରା କରାଯିବ

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**

### ଭୀମଟାଙ୍ଗିରେ ମହିଳାଙ୍କ ହତ୍ୟା ଘଟଣା

ରାଜଧାନୀ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗି ଅଞ୍ଚଳରେ ରହୁଥିବା ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ବେକ କାଟି ହତ୍ୟା ଘଟଣାକୁ ୨ସପ୍ତାହରୁ ଊର୍ଦ୍ଧ୍ୱ ଦିନ ହୋଇଯାଇଥିଲେ ମଧ୍ୟ କାରଣକୁ ନେଇ ସ୍ପଷ୍ଟ ହୋଇପାରୁ ନାହିଁ। ଅନ୍ୟପଟେ ଅଭିଯୁକ୍ତ ତଥା ପ୍ରେମିକ ଜଗନ୍ନାଥ ପ୍ରଧାନ ହତ୍ୟା କରିଥିବା ନେଇ ପୋଲିସ ସ୍ପଷ୍ଟ କରିଥିବା ବେଳେ ବର୍ତ୍ତମାନ ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ଘଟଣାର ସମସ୍ତ ଦିଗ ଉପରୁ ପରଦା ହଟିପାରି ନାହିଁ। ତେବେ ଏମ୍ସରେ ଅପରେଶନ୍ ପରେ ଜଗନ୍ନାଥର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ତାଙ୍କ ମାନସିକ ସ୍ଥିତି ଯାଞ୍ଚ କରାଯିବାରୁ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ଖୁବ୍‌ଶୀଘ୍ର ଡାକ୍ତର ଡିସ୍‌ଚାର୍ଜ କରିପାରନ୍ତି। ଡିସ୍‌ଚାର୍ଜ ପରେ ଜଗନ୍ନାଥଙ୍କୁ ପୁଣିଥରେ ଜେରା କରାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ହତ୍ୟା ଘଟଣାର ପ୍ରମାଣ ଯୋଗାଡ଼ କରିବା ପାଇଁ କମିଶନରେଟ ପୋଲିସର ୫ ଜଣିଆ ଟିମ୍ ଯାଜପୁର ଜିଲା କୁଆଖିଆ ଯାଇ ତଦନ୍ତ କରିଥିଲା। ଏବେ ପୋଲିସ ମେଡିକାଲରୁ ଜଗନ୍ନାଥଙ୍କ ଫେରିବା ବାଟକୁ ଚାହିଁ ବସିଛି। ଫଳରେ ହତ୍ୟା ବାବଦରେ ଭଲରେ ଜେରା କରାଯାଇ ତାଙ୍କୁ ଜେଲ୍ ପଠାଯିବା ସହ କୋର୍ଟରେ ଚାର୍ଜଶିଟ ଦାଖଲ କରାଯାଇପାରିବ।

ସୂଚନାଯୋଗ୍ୟ, ପ୍ରିୟଙ୍କାଙ୍କ ଘର ଯାଜପୁର ହୋଇଥିବା ବେଳେ ବାହାଘର ପରେ ସେ ସ୍ୱାମୀଙ୍କ ସହ ଭୁବନେଶ୍ୱର ଭୀମଟାଙ୍ଗି ହାଉସିଂ ବୋର୍ଡ କଲୋନୀରେ ଭଡ଼ା ନେଇ ରହୁଥିଲେ। ତେବେ ଗତ ୫ତାରିଖରେ ଯାଜପୁର ବଡ଼ମଙ୍ଗଳପୁରର ଜଗନ୍ନାଥ ପ୍ରିୟଙ୍କା ରହୁଥିବା ଘରେ ପଶି ତାଙ୍କ ବେକ କାଟି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହାପରେ ନିଜେ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରିୟଙ୍କାଙ୍କ ମୃତଦେହ ଜବତ କରିବା ସହ ଜଗନ୍ନାଥଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ ପଠାଇଥିଲା। ତେବେ ବିବାହ ପୂର୍ବରୁ ପ୍ରିୟଙ୍କାଙ୍କୁ ସେ ଭଲ ପାଉଥିଲେ ଓ ତାଙ୍କ ସହ ତିକ୍ତତା ଥିବାରୁ ଈର୍ଷାପରାୟଣ ହୋଇ ହତ୍ୟା କରିଥିବା ଜଗନ୍ନାଥ ପୋଲିସ ଆଗରେ ମାନିଥିଲେ। ଏଥିସହ ଘଟଣାସ୍ଥଳରୁ ଜଗନ୍ନାଥଙ୍କ ହାତଲେଖା ଏକ ଚିଠି ମଧ୍ୟ ପୋଲିସକୁ ମିଳିଥିଲା; ଯେଉଁଥିରୁ ସେ ପ୍ରିୟଙ୍କା ଓ ତାଙ୍କ ୩ବର୍ଷର ଶିଶୁ ପୁତ୍ରଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବେ ବୋଲି ଲେଖିଥିଲେ। ଏଥିରୁ ଜଗନ୍ନାଥ ଯୋଜନାବଦ୍ଧ ଭାବେ ପ୍ରିୟଙ୍କାଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷେ ଘଟଣା ସମୟରେ ଉପର ଘରେ ରହୁଥିବା ଘର ମାଲିକଙ୍କ ପାଖରେ ଶିଶୁଟି ଥିବାରୁ ତାଙ୍କ ଜୀବନ ବଞ୍ଚିଯାଇଥିଲା।

## ମୋବାଇଲ ଫୋନ୍ ଲୁଟେରା ଗିରଫ

ଜଟଣୀ,(ଡି.ଏନ୍.ଏ.): ଜଟଣୀ ପୋଲିସ ସୋମବାର ଜଣେ ମୋବାଇଲ ଫୋନ ଲୁଟେରାକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଟଣୀ ବ୍ଲକ ଅନ୍ତର୍ଗତ ତାରାବଇ ପଞ୍ଚାୟତ ହରିଡ଼ାମଡ଼ା ଅଞ୍ଚଳର ଫିରୋଜ ଖାଁ। ସୂଚନା ମୁତାବକ, ଗତ ୧୭ ତାରିଖରେ ଫିରୋଜ ମୋବାଇଲ ଲୁଟି ନେଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୩୪୬/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

**ସଂକ୍ଷେପରେ**

## ଟ୍ରେନ୍ ଧକ୍କାରେ କିମ୍ୟାନ୍ ମୃତ

ନିରାକାରପୁର,୧୯।୭(ଡି.ଏନ୍.ଏ.): ଟ୍ରେନ ଧକ୍କାରେ ସୋମବାର ଜଣେ କିମ୍ୟାନଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ସାନଗୋବିନ୍ଦପୁର ଗାଁର ନିରଞ୍ଜନ ଜେନା(୨୯)। ନିରାକାରପୁର ଠାରେ ରେଳବିଭାଗର ଟ୍ରାକ୍‌ମ୍ୟାନ୍ ଭାବେ ନିରଞ୍ଜନ କାର୍ଯ୍ୟ କରୁଥିଲେ। ତେବେ ଟ୍ରାକ୍‌ମ୍ୟାନ୍ କେହି ନ ଥିବାରୁ ସେ କିମ୍ୟାନ୍ ଭାବେ ଟ୍ରାକ୍‌ରେ ଯାଉଥିବା ବେଳେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଟ୍ରେନ୍ ଚାଳକଙ୍କ ଠାରୁ ସୂଚନା ପାଇ ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୭/୨୧)ରୁଜୁକରି ତଦନ୍ତ ଚଳାଇଛି।

## ପିଏନ୍ କଲେଜରେ ବନ ମହୋତ୍ସବ

ଖୋର୍ଦ୍ଧା ଅଫିସ,୧୯।୭: ପ୍ରାଣନାଥ(ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ତଥା ପରିଚାଳନା ସମିତି ସଭାପତି ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଉତ୍ତର ଓଡ଼ିଶା ପୂର୍ବତନ କୁଳପତି ମେଜର ମହାନ୍ତି ଓ ଖୋର୍ଦ୍ଧା ବିଡିଓ ରୁମାନା ଜାଫ୍ରି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। କଲେଜ ଅଧକ୍ଷ ଡ.ରଞ୍ଜିତା ସେଠୀ କାର୍ଯ୍ୟକ୍ରମ ପରିଚଳନା କରିଥିଲେ। କଲେଜର ଅଧାପିକା, ଅଧାପକ ଏବଂ କର୍ମଚାରୀ ମଧ ଚାରାରୋପଣ କରିଥିଲେ। ବିନୋଦିନୀ ମିଶ୍ର, ପ୍ରଦୀପ କୁମାର ସାହୁ, ପ୍ରସନ୍ନ କୁମାର ସାହୁ, ଉମାଶଙ୍କର ମହାପାତ୍ର, ଲକ୍ଷ୍ମୀଧର ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

## ୪୫ ୟୁନିଟ ରକ୍ତ ସଂଗ୍ରହ

ଖୋର୍ଦ୍ଧା ଅଫିସ,୧୯।୭: ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ବୋଲଗଡ଼ ବକ ଅନ୍ତର୍ଗତ ଗେଡିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଆଇକୋନିକ୍ କ୍ଲବ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ସ୍ଥାନୀୟ ହାଇସ୍କୁଲରେ ଚାରାରୋପଣ କରିଥିଲେ। ମୋଟ୍ ୪୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧରେ ରବୀନ୍ଦ୍ର ସୁବୁଦ୍ଧି, ଗୋପାଳ ଚରଣ ବେହେରା, ଅଭିଷେକ ସିଂ ସାମନ୍ତ, ଦୁର୍ଯ୍ୟୋଧନ ସ୍ୱାଇଁ, ପ୍ରଦୀପ୍ତ କିଶୋର ଛୋଟରାୟ, ବୀର କିଶୋର ଦାସ, ଅର୍ଜୁନ ବେହେରା, ସମିତା ମହାରଣା, ଶୁଭକାନ୍ତ ମହାପାତ୍ର, ଶ୍ରୀକାନ୍ତ ତ୍ରିପାଠୀ, ମିହିର ରଞ୍ଜନ ମହାପାତ୍ର, ସୌଦାମିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରେଣୀଗୃହ ଉଦ୍‌ଘାଟିତ



ବାଲିପାଟଣା,୧୯।୭(ଡି.ଏନ୍.ଏ.): ବାଲିପାଟଣାସ୍ଥିତ ବୁଦ୍ଧନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ଶ୍ରେଣୀଗୃହର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ଅନ୍‌ଲାଇନରେ ଭଲ ଭାବେ ପାଠ ନ ପଢ଼ିବାରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲାଯିବ। ଆଗକୁ ସ୍ଥିତି ଭଲ ରହିଲେ ଅଗଷ୍ଟ ୧୬ରୁ ନବମ ଶ୍ରେଣୀ ମଧ ଖୋଲାଯିବ। ସମ୍ମାନିତ ଅତିଥିଭାବେ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କହିଥିଲେ, ମୋ ସ୍କୁଲ କାର୍ଯ୍ୟକ୍ରମ ଭାରତ ବର୍ଷରେ ବିରଳ। ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି। ଏହି ଅବସରରେ ମନ୍ତ୍ରୀ ଦାଶ ନୂତନ ସଭାଗୃହ ପାଇଁ ଶୁଭ ଦେବା ସହିତ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି, ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର, ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୈଳଧିରଜା ତନୟା ଶତପଥୀ, ବ୍ଲକ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା, ତହସିଲଦାର ସୁନିତା ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ମଣ୍ଡଳ ଉପସ୍ଥିତ ଥିଲେ।

# ସମ୍ମାନ ପାଉନାହାନ୍ତି ବରପୁତ୍ର

କଟକ ଅଫିସ,୧୯।୭

**ପ୍ରତିମୂର୍ତ୍ତିରୁ ଛାଡ଼ିଗଲାଣି ରଙ୍ଗ, ଭାଙ୍ଗିଗଲାଣି ବାଡ଼ି**



ଅବହେଳିତ ଅବସ୍ଥାରେ ଥିବା ବିଶ୍ୱନାଥ ଦାଶ ଓ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି।

ମାଟିର ବରପୁତ୍ରଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କ ଜୀବନୀ, ଆଦର୍ଶ ଓ ତ୍ୟାଗ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ପାଇଁ କଟକ ସହରର ବିଭିନ୍ନ ଛକ, ଉଦ୍ୟାନ ଏବଂ ଗୁରୁତ୍ୱପୂର୍ଣ୍ଣସ୍ଥାନରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ତେବେ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ରକ୍ଷଣାବେକ୍ଷଣ ଅଭାବରୁ ଏହିସବୁ ପ୍ରତିମୂର୍ତ୍ତି ନଷ୍ଟ ହେବାକୁ ବସିଲାଣି। ଏପରିକି ପ୍ରତିମୂର୍ତ୍ତିଗୁଡ଼ିକୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଉ ନାହିଁ। ଶ୍ରାଦ୍ଧଦିବସରେ ବରପୁତ୍ରମାନେ ମନେପଡ଼ନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେଉଁଠି ପ୍ରତିମୂର୍ତ୍ତିରୁ ରଙ୍ଗ ଛାଡ଼ିଗଲାଣି ତ ଆଉ କେଉଁଠି ବାଡ଼ି ଭାଙ୍ଗିଗଲାଣି। ପ୍ରେସ୍ ଛକସ୍ଥିତ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମହତାବ ଧରିଥିବା ବାଡ଼ି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ସେହିପରି ଗଣକବି ବୈଷ୍ଣବ ପାଣି ଉଦ୍ୟାନରେ ବୈଷ୍ଣବ ପାଣିଙ୍କ ପ୍ରତିମୂର୍ତ୍ତି ଏବଂ ମଧୁସୂଦନ ଉଦ୍ୟାନରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରୁ ରଙ୍ଗ ଛାଡ଼ିଗଲାଣି। ଦୋଳମୁଣ୍ଡାଇସ୍ଥିତ ବିଶ୍ୱନାଥ ଦାଶଙ୍କ ପ୍ରତିମୂର୍ତ୍ତି ଗଛ ମଧରେ ଲୁଚିଯାଇଛି। କଲେଜ ଛକ, ବିଜୁ ପଟ୍ଟନାୟକ ଛକ, ଶାରଳାଭବନ ସମ୍ମୁଖ, ଷ୍ଟାଡିୟମ ରାସ୍ତା, ଗୌରୀଶଙ୍କର ପାର୍କ ଆଦି ସ୍ଥାନରେ ମଧ ବରପୁତ୍ରଙ୍କ ପ୍ରତିମୂର୍ତ୍ତିଅବହେଳିତ ଅବସ୍ଥାରେ ରହିଛି। ତେବେ ଏନେଇ ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତି କହିଛନ୍ତି, ଯେଉଁ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି, ତା'ର ପୁନରୁଦ୍ଧାର ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ସମୀକ୍ଷା ମଧ କରାଯାଇଛି। ସହରରେ ବିଭିନ୍ନ ବର୍ଗର ଅର୍ଥାତ୍ କେଉଁଠି ବ୍ରୋଞ୍ଜ ତ ଆଉ କେଉଁଠି ପଥରର ପ୍ରତିମୂର୍ତ୍ତି ରହିଛି। ସବୁ ପ୍ରତିମୂର୍ତ୍ତିକୁ ସମାନ ରଙ୍ଗ ଦିଆଯାଇ ପାରିବନାହିଁ। ଆସନ୍ତା ୧୫ରୁ ୨୦ ଦିନ ମଧରେ ଏସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଇ କାର୍ଯ୍ୟ ଆରମ୍ଭ କରାଯିବ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ




ଜଟଣୀ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ଜଟଣୀ/ବୋଲଗଡ଼/ଫୁଲନଖରା/ଆଠଗଡ଼,୧୯।୭(ଡି.ଏନ୍.ଏ./ସ୍ୱ.ପ୍ର.)

ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ଜଟଣୀ ଭଜପା ପକ୍ଷରୁ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ନେତୃତ୍ୱରେ ଜଟଣୀ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଟାଟା ପାୱାର ବିଦ୍ୟୁତ୍ ବିତରଣ କାର୍ଯ୍ୟ ନେବା ପରେ ବିଦ୍ୟୁତ୍ ଦର ବୃଦ୍ଧି, ବାରମ୍ବାର ବିଦ୍ୟୁତ କାଟ, ଲୋ ଭୋଲଟେଜ ଏବଂ ଓଡ଼ିଶାରୁ ୮୦୦୦ କର୍ମଚାରୀ ଛଟେଇ ବିରୋଧରେ ପ୍ରତିବାଦ କରାଯାଇଥିଲା। ଏହି ଧାରଣାରେ ଖୋର୍ଦ୍ଧା ଜିଲା ଭାଜପା ସମ୍ପାଦକ ପ୍ରତାପ ମହାପାତ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ଭଞ୍ଜଦେଓ, ରଶ୍ମି ପଟ୍ଟନାୟକ, ରବି ସ୍ୱାଇଁ, ପଦ୍ମଚରଣ ପ୍ରଧାନ, ରୋଶନ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଭାଜପା ବୋଲଗଡ଼ ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ କରାଯାଇଛି। ଭାଜପା ନେତା ଋଷଭ ନନ୍ଦଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଗୋପବନ୍ଧୁ ଛକରୁ ବାଇକ୍ ଶୋଭାଯାତ୍ରାରେ ବାହାରି ବୋଲଗଡ଼ ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଲୋତକବିନ୍ଦୁ ପଟ୍ଟନାୟକ, ବିଷ୍ଣୁ ସ୍ୱାଇଁ, ସଞ୍ଜୟ ବେହେରା, ଚଇ ପଟ୍ଟନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ସେହିପରି କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ କଟକ ସଦର ଭାଜପା କର୍ମୀଙ୍କ ପକ୍ଷରୁ ବିକ୍ଷୋଭ କରାଯାଇଛି। ଦିଲୀପ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ କଟକ ନଗର ଜିଲା ଉପସଭାପତି ସ୍ୱାଧିନଚେତା ମହାନ୍ତି, ଗୋକୁଳ ପ୍ରଧାନ, ଆଲୋକ ଚନ୍ଦ୍ର ମହାନ୍ତି, ରାଜେନ୍ଦ୍ର ପ୍ରସାଦ ସାହୁ, ପ୍ରମୋଦ ଓଝା, ପ୍ରଦୀପ୍ତ ବେହେରା, ବାସୁଦେବ ନାୟକ, ଶୁଭେନ୍ଦୁ ସ୍ୱାଇଁ, ରଞ୍ଜିତ ପଣ୍ଡା, ସୋନିଆ ଶର୍ମା, ମାମିନା ମହାନ୍ତି ଉପସ୍ଥିତ ଥିଲେ। ପରେ ଗୋପାଳପୁର ବିଦ୍ୟୁତ ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ ଛବିଳ ବେହେରା ଓ ବାଲିକୁଦା ବିଦ୍ୟୁତ୍ କାର୍ଯ୍ୟାଳୟ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ମହାପାତ୍ରଙ୍କୁ ଦାବିପତ୍ର ଦେଇଥିଲେ। ସେହିପରି ଆଠଗଡ଼ ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ରଜେନ୍ଦ୍ର ରାୟଙ୍କ ନେତୃତ୍ୱରେ ଆଠଗଡ଼ ଗାନ୍ଧୀମାର୍ଗ ଦଳୀୟ କାର୍ଯ୍ୟାଳୟଠାରୁ ବ୍ରଜେନ୍ଦ୍ର ରାୟଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ଆଇନଜୀବୀ ଜଗଦାନନ୍ଦ ତ୍ରିପାଠୀ, ପ୍ରକାଶ ସେଠୀ,ପ୍ରଦୀପ ମହାପାତ୍ର, ମିଥୁନ ମଲିକ ଓ ତପନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ଗାଡ଼ି ଜବତ, ୨ ଅଟକ

ବାଣପୁର,୧୯।୭(ଡି.ଏନ୍.ଏ.)

କରୋନା ସଂକ୍ରମଣ ପାଇଁ ଖୋର୍ଦ୍ଧା ଜିଲାରେ ଆଂଶିକ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଗୋ' ଚାଲାଣ ବ୍ୟବସାୟୀ ସକ୍ରିୟ ହୋଇଉଠିଛନ୍ତି। ଏକ ଗୋରୁ ବୋଝେଇ ଡାଲା ଅଟୋ ବାଣପୁର ଅଞ୍ଚଳରୁ ଗୋରୁ ନେଇ ନାରୁଣୀ ସଲପଡିହ ଅଞ୍ଚଳ ଅଭିମୁଖେ ଯାଉଥିଲା। ଫଳରେ କେତେଜଣ ଯୁବକଙ୍କ ସନ୍ଦେହ ହେବାରୁ ସେମାନେ ଗାଡିର ପିଛା କରିଥିଲେ। ତେବେ ଗାଡିରେ ବସିଥିବା ୩ଜଣ ବ୍ୟକ୍ତି ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇଥିଲେ। ୧୬ନଂ.ଜାତୀୟ ରାଜପଥ ବିଷ୍ଣୁଡିହ ଛକ ବନ୍ୟପ୍ରାଣୀ କାର୍ଯ୍ୟାଳୟ ନିକଟରେ ଯୁବକମାନେ ଗାଡିକୁ ଅଟକାଇଥିଲେ। ଘଟଣାସ୍ଥଳରୁ ଜଣେ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଅଟକ ରଖି ବାଣପୁର ପୋଲିସକୁ ଜଣାଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୫୪/୨୧)ରୁଜୁ କରିବା ସହ ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର, ୧୯।୭ (ଡି.ଏନ୍.ଏ.)

ଏକାମ୍ର ନିର୍ବାଚନମଣ୍ଡଳୀରେ ସୋମବାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଲିଙ୍ଗିପୁର ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ନାଥପୁର ପ୍ରାଥମିକ ବିଦ୍ୟାଳୟର ପାଚେରି ଓ ମୁଖ୍ୟ ଦ୍ୱାର ଉଦ୍‌ଘାଟନ, ଟାଉନ କ୍ଲବ ଖେଳପଡ଼ିଆରେ ନୂତନ ଗୃହ ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଭୁବନେଶ୍ୱର ବ୍ଲକ ଚେୟାରମ୍ୟାନ ଅବିନାଶ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ସରପଞ୍ଚ ଇତିଶ୍ରୀ ଚମ୍ପତି, ରୀନାମଣି ବେହେରା, ରଜନୀ ଦାସ, ଅକ୍ଷୟ ବରାଳ, ମନୋରଞ୍ଜନ ମହାନ୍ତି, ଦାଶରଥି ଗରାବଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ୮୪ ହଜାର ପରିବାରକୁ ମିଳିବ ପାନୀୟ ଜଳ

ଆଠଗଡ଼,୧୯।୭(ସ୍ୱ.ପ୍ର.)

ଆଠଗଡ଼, ତିଗିରିଆ, ବାଙ୍କୀ ବ୍ଲକ ୭ ପଞ୍ଚାୟତ ସମେତ ଟାଙ୍ଗୀ-ଚୌଦ୍ୱାର ବ୍ଲକର କଖଡି ପଞ୍ଚାୟତରେ ବସବାସ କରୁଥିବା ୮୪,୦୬୪ ପରିବାରକୁ ପାନୀୟ ଜଳ ଯୋଗାଣ ନିମନ୍ତେ ହେବାକୁ ଥିବା ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପରୁ ଦୈନିକ ୪୩ ମିଲିୟନ ଲିଟର ପାଣି ଯୋଗାଣ ହେବ। ଏହାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ।ସୂଚନାଯୋଗ୍ୟ, ଏହି ଅଞ୍ଚଳରେ ଭୂତଳ ଜଳର ଅଭାବ ରହିଛି। ନଳକୂପରୁ ମିଳୁଥିବା ଜଳରେ ଆଇରନ ଓ ଆର୍ମେନିଆ ପରି ବିଷାକ୍ତ ରସାୟନ ପଦାର୍ଥ ମିଶ୍ରିତ ହୋଇରହିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ବହୁ ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଠାକାର ପାଣି ବ୍ୟବହାର ଉପଯୋଗୀ ନୁହେଁ। ଏଭିଳିସ୍ଥାନରେ ପାନୀୟ ଜଳ ଯୋଗାଣ ପାଇଁ ମଞ୍ଜୁରୀ ଦିଆଯାଇଥିବାରୁ ଆଠଗଡ଼ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଧନ୍ୟବାଦ ଦିଆଯାଇଛି। ସ୍ଥାନୀୟ ଶ୍ରୀରାମ ପ୍ଲାଲେସ କଲ୍ୟାଣ ମଣ୍ଡପରେ ଏନେଇ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ କଟକ ଜିଲା ବିଜେଡି ଉପସଭାପତି ନୃସିଂହ ମହାପାତ୍ର, ଆଠଗଡ଼ ବ୍ଲକ ଅଧକ୍ଷ କୃଷ୍ଣ ଚନ୍ଦ୍ର ଦଳାଇ, ତିଗିରିଆ ବ୍ଲକ ଅଧକ୍ଷା ରୂପା ଦଳାଇ, କଟକ ଜିଲା ପରିଷଦ ଉପାଧକ୍ଷ ସୁନୀଲ ପରିଡ଼ା ଓ ସରପଞ୍ଚ ଶାନ୍ତିପ୍ରିୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ବଡ଼ ଆଖଡ଼ା, ନିର୍ମୋହୀ ଆଖଡ଼ା ଏବଂ ହାତୀ ଆଖଡା ମଠର ନିଶାନ ସୋମବାର ଆଡ଼ପ ଦର୍ଶନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯାଉଛି।

## ସୋକ୍‌ପିଟ୍‌ରୁ ୪ ବାର୍‌ହା ଶାବକ ଉଦ୍ଧାର

ଖୁଣ୍ଟୁଣୀ,୧୯।୭(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୁରୁ କଲେଜ ପରିସରରେ ଥିବା ଏକ ମୁକୁଳା ସୋକପିଟ ମଧରେ ଖସିପଡ଼ିଥିବା ୪ଟି ବାର୍‌ହା ଶାବକଙ୍କୁ ଖୁଣ୍ଟୁଣୀ ବନ ବିଭାଗ ଉଦ୍ଧାର କରିଛି। ଉଦ୍ଧାର ପରେ ସେଗୁଡ଼ିକୁ ବନ ବିଭାଗ ସୁରକ୍ଷିତ ଭାବେ ତା'ର ମାଆ ପାଖରେ ଛାଡ଼ି ଦେଇଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର ସୂଚନା ଦେଇଛନ୍ତି। ମିଳିଥିବା ଖବର ମୁତାବକ, କଲେଜ ପରିସର ଶାଳବଣି ପାଖରେ ୪ଫୁଟ ଗଭୀର ଏକ ନୂତନ ସୋକପିଟ ଟାଙ୍କିରେ ରବିବାର ରାତିରେ ମାଆ ବାର୍‌ହା ସହ ବୁଲୁଥିବା ଏହି ବାରହା ଶାବକମାନେ କୌଣସି ମତେ ଖସି ପଡ଼ିଥିଲେ। ଏ ଘଟଣା ଜଣାପଡ଼ିବା ପରେ କଲେଜ କର୍ମଚାରୀ ତୁରନ୍ତ ଖୁଣ୍ଟୁଣୀ ବନ ବିଭାଗକୁ ଜଣାଇଥିଲେ। ବନାଞ୍ଚଳ ଅଧିକାରୀ ମାଥୁରଙ୍କ ନିର୍ଦ୍ଦେଶକ୍ରମେ ବନପାଳ ସୁଶାନ୍ତ କୁମାର ଲେଙ୍କା, ବନପାଳ ସରୋଜ ପଣ୍ଡା ବିଭାଗୀୟ ପାରା ଷ୍ଟାଫଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ସୋକପିଟ ଭିତରୁ ୪ ବାରହା ଶାବକଙ୍କୁ ଉଦ୍ଧାର କରି ସେମାନଙ୍କୁ ଖାଦ୍ୟ ଦେଇ ଶାବକମାନଙ୍କୁ ଜଗି ରହିଥିଲେ। ମଧ ରାତିରେ ବାର୍‌ହା ଶାବକଙ୍କର ମାଆ ପହଞ୍ଚିବା ପରେ ସତର୍କତାର ସହିତ କର୍ମଚାରୀମାନେ ଛୁଆ ମାନଙ୍କୁ ବାର୍‌ହା ପାଖକୁ ଛାଡ଼ି ଦେଇଥିବା ପ୍ରକାଶ କରିଥିଲେ।

## ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ

ଖୋର୍ଦ୍ଧା ଅଫିସ,୧୯।୭

କରୋନା ସଂକ୍ରମଣ ପାଇଁ ଖୋର୍ଦ୍ଧା ଜିଲାରେ ଆଂଶିକ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲାରେ ବ୍ରାଉନସୁଗାର ବ୍ୟବସାୟୀମାନେ ସକ୍ରିୟ ହୋଇ ଉଠିଛନ୍ତି। ସୋମବାର କଟକ ଗୁଇନ୍ଦା ଅବକାରୀ ଟିମ୍ ଗୁରୁଜଙ୍ଗ ଅଞ୍ଚଳରେ ଚଢ଼ାଉ କରି ୧୩୦ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିସହ ବ୍ୟବସାୟୀ କପିଳେନ୍ଦ୍ର ସୁନ୍ଦରାୟଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଦୀର୍ଘଦିନ ହେବ କପିଳେନ୍ଦ୍ର ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲେ। କୌଣସି ସୂତ୍ରରୁ ଖବରପାଇ ଗୁଇନ୍ଦା ଟିମ ଗ୍ରାହକ ବେଶରେ ଯାଇ ତାଙ୍କୁ ଧରିଥିଲେ।

## ସ୍ୱାବଲମ୍ବୀ କାରିଗର ସଂଘର ବିକ୍ଷୋଭ




ଖୋର୍ଦ୍ଧା ଅଫିସ,୧୯।୭

ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ଖୋର୍ଦ୍ଧା ବ୍ଲକ ଶାଖା ପକ୍ଷରୁ ସୋମବାର ବିଭିନ୍ନ ଦାବିରେ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ବିଡଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ୧୯୯୮ମସିହାରୁ ଗ୍ରାମାଞ୍ଚଳ ସ୍ତରରେ ପାନୀୟଜଳ ଯୋଗାଣ ନିମନ୍ତେ ନଳକୂପ ମିସ୍ତ୍ରି ଭାବେ କାର୍ଯ୍ୟ କରୁଛୁ। ପରେ ରାଜ୍ୟ ସରକାର ଗ୍ରାମ୍ୟ ପାନୀୟଜଳ ଜଳଯୋଗାଣ ପ୍ରକଳ୍ପ ଆରମ୍ଭ କରିଥିଲେ। କର୍ମଚାରୀଙ୍କୁ ପ୍ରଥମେ ମାସିକ ଦରମା ୩୫୦ଟଙ୍କା ପରେ ୫୦୦ଟଙ୍କା କରିଥିଲେ। ସଂଘ ପକ୍ଷରୁ ଦାବି ପରେ ୧ହଜାର ଟଙ୍କାକୁ ବୃଦ୍ଧି କରିଥିଲେ। ଗତ ମାର୍ଚ୍ଚରୁ ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଏନଜିଓ ସଂସ୍ଥାକୁ ଦିଆଯାଇଛି। ଶ୍ରମିକଙ୍କ ଦରମା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଇନାହାନ୍ତି। ଫଳରେ ଶ୍ରମିକମାନେ ହଇରାଣ ହେଉଛନ୍ତି। ରାଜ୍ୟର ସମସ୍ତ ପମ୍ପହାଉସରେ କାର୍ଯ୍ୟରତ କର୍ମଚାରୀ କାର୍ଯ୍ୟ ବନ୍ଦ କରିଦେଲେ ଗ୍ରାମୀଣ ସ୍ତରରେ ଲୋକେ ପାଣି ଲାଗି ହଇରାଣ ହେବେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ବ୍ଲକ ସଭାପତି ଜିତେନ୍ଦ୍ର ବଳିୟାରସିଂହ କହିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପରୁ ଏସଏଚଜି, ଏନଜିଓମାନଙ୍କୁ ହଟାଯାଉ। କାର୍ଯ୍ୟରତ ଏସଏଇଏମ ଓ ପମ୍ପଚାଳକଙ୍କୁ ସର୍ବନିମ୍ନ ମଜୁରି, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କଲେ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ସହାୟତା ଦିଆଯିବାକୁ ଦାବି ହୋଇଛି। ଏହି ବିକ୍ଷୋଭରେ ରତିକାନ୍ତ ସାହୁ ସତ୍ୟନାରାୟଣ ପଟ୍ଟନାୟକ, ବିଭୂତି ଭୂଷଣ ବାହିନୀପତିଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

## ଅଚଳ ପଏଣ୍ଟରେ ବୋର୍‌ୱେଲ୍ ନିର୍ମାଣ କରିବାକୁ ଦାବି

ବାଙ୍କୀ,୧୯।୭ (ସ୍ୱ.ପ୍ର.)

**ଉଠା ଜଳସେଚନ ପ୍ରକଳ୍ପ ସମ୍ପର୍କିତ ସମୀକ୍ଷା ବୈଠକ**

ବାଙ୍କୀ ବ୍ଲକ ସରଣ୍ଡା ଅଂଶୁପା ଟାୱାରରେ ବାଙ୍କୀ ଉପଖଣ୍ଡରେ ଉଠା ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ସମ୍ପର୍କିତ ଏକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଠା ଜଳସେଚନ ନିଗମ ଅଧକ୍ଷ ଅମରେଶ ପତ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଉପଖଣ୍ଡର ବିଭିନ୍ନ ଉଠା ଜଳସେଚନ ପ୍ରକଳ୍ପର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ମହାନଦୀରେ ପାଣି ଶୁଖିଯିବା ହେତୁ ୧୬୨ ଉଠା ଜଳସେଚନ ପଏଣ୍ଟ ମଧ୍ୟରୁ ୯୦ ପଏଣ୍ଟ କାର୍ଯ୍ୟ କରୁଛି। ଅଚଳ ପଏଣ୍ଟଗୁଡିକରେ ବୋରୱେଲ୍ ନିର୍ମାଣ କରାଯାଇ ସେଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ବିଧାୟକ ତ୍ରିପାଠୀ କହିଥିଲେ। ଏହାସହ ଡୁଡୁଆ ପାଇଲବନ୍ଧଠାରେ ସ୍ଥାପିତ ୭ ଉଠା ଜଳସେଚନ ପ୍ରକଳ୍ପକୁ ବିଦ୍ୟୁତୀକରଣ କରିବା ସହ ବନ୍ୟା ଦାଉରୁ ରକ୍ଷା ପାଇଁ ସିମେଣ୍ଟ ଢାଞ୍ଚା ନିର୍ମାଣ ନିମନ୍ତେ ଅର୍ଥ ବରାଦ କରିବାକୁ ବିଧାୟକ ତ୍ରିପାଠୀ ଦାବି କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ନେତା ସୁବାସ ଚନ୍ଦ୍ର ପାଢ଼ୀ, ଗତିକୃଷ୍ଣ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ତ୍ରିଲୋଚନ ରାଉତ, ମାନସ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ନାୟକ, ଯୋଗୀ ପଟ୍ଟନାୟକ ଓ ବିକାଶ ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ସହାୟତା ଅପେକ୍ଷାରେ ସଫିଉଦ୍ଦିନଙ୍କ ପରିବାର

ବୋଲଗଡ଼,୧୯।୭(ଡି.ଏନ୍.ଏ.)



ପରିବାର ସଦସ୍ୟଙ୍କ ସହ ସଫିଉଦ୍ଦିନ ଖାଁ।

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦକ୍ଷିଣ ପାରିଖେତା ଗ୍ରାମର ସଫିଉଦ୍ଦିନ ଖାଁ(୫୨)। ସ୍ତ୍ରୀ ମମତାଜ୍ ବିବି ଓ ୩ ପୁଅକୁ ନେଇ ତାଙ୍କ ପରିବାର। ସଫିଉଦ୍ଦିନ କରିଥିବା ଦୋକାନରୁ ଯାହା ରୋଜଗାର ହୋଇଥାଏ, ସେଥିରେ ପରିବାର ଚଳିଥାଏ। ବଡ଼ପୁଅ ଅଫଜଲ ଖାଁଙ୍କ ୭ ବର୍ଷରୁ ଗୋଡ଼ହାତ ଅଚଳ ହୋଇପଡ଼ିଥିଲା। ଉନ୍ନତ ଚିକିତ୍ସା ଅଭାବରୁ ଜୀବନ ସହ ସଂଘର୍ଷ କରି ୨୧ବର୍ଷ ତଥା ଗତ ଜୁନ ୨୮ରେ ତାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ମଝିଆ ପୁଅ ଇକବାଲ ଖାଁ(୧୮)ଙ୍କ ମୁଖ୍ୟ ଅଙ୍ଗ ଅଚଳ ହୋଇପଡ଼ିଛି। ସେହିପରି ୯ବର୍ଷର ସାନପୁଅ ସୋହେଲର ମଧ ଗୋଡ଼ ଅଚଳ ହୋଇପଡ଼ିଛି। ପୂର୍ବରୁ ଏନେଇ 'ଦୁର୍ଦ୍ଦିନରେ ସଫିଉଦ୍ଦିନ' ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଉକ୍ତ ସମୟରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପାରିଖେତା ଗ୍ରାମରେ ପହଞ୍ଚି ସଫିଉଦ୍ଦିନ ପରିବାରର ସମସ୍ତ ସଦସ୍ୟଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଚିକିତ୍ସାର ବ୍ୟବସ୍ଥା ନ କରାଇ ପଳାଇ ଆସିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଅଭିଯୋଗ ଜଣାଇବାକୁ ଚେଷ୍ଟା କରିଥିଲେ ମଧ ସେ ଫୋନ ଉଠାଇନଥିଲେ ବୋଲି ସଫିଉଦ୍ଦିନ କହିଛନ୍ତି। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ସରକାରୀ ସହାୟତା ପାଇଁ ଗୁହାରି କରିଥିଲେ ମଧ କେବଳ ପ୍ରତିଶ୍ରୁତି ମିଳିଥିଲା। ଅର୍ଥାଭାବ ସେମାନଙ୍କ ଚିକିତ୍ସାରେ ବାଧକ ସାଜିଛି। ଅର୍ଥ ଅଭାବରୁ ଉନ୍ନତ ଚିକିତ୍ସା ହୋଇପାରୁ ନାହିଁ। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ସହାୟତା ପାଇଁ ନିବେଦନ କରିଥିଲେ ମଧ ମିଳିଲା ନାହିଁ। ଅନ୍ୟପଟେ ଆର୍ଥିକ ଅନଟନ ଯୋଗୁ ଓଳିଏ ଖାଇଲେ ଓଳିଏ ଉପବାସ ରହିବାକୁ ପଡୁଛି। ଫଳରେ ପରିବାର ଲୋକେ ଭାଗ୍ୟକୁ ଆଦରି ରହିଛନ୍ତି। ସରକାରୀ, ସାମାଜିକ ଅନୁଷ୍ଠାନ କିମ୍ବା ସହୃଦୟ ବ୍ୟକ୍ତି ସହାୟତା କରିବା ଲାଗି ସଫିଉଦ୍ଦିନ ନିବେଦନ କରିଛନ୍ତି।

